ଧରିତ୍ରୀ
DHARITRI

January 5 -11, 2020 ₹ 2/-

# ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ

## ପର୍ଯ୍ୟଟନ ଚିନ୍ତା

ଦିନେ ନୁହେଁ କି
ମାସେ ନୁହେଁ, ବର୍ଷବର୍ଷ ଧରି ଏମାନେ
ଜାରିରଖିଛନ୍ତି ତାଙ୍କ ସାଧନା। କିଏ ପାହାଡ଼ କାଟି
ତ କିଏ ମନ୍ଦିର ନିର୍ମାଣ କରି ପୁଣି ଆଉ କିଏ
ଲୋକଙ୍କ ପାଇଁ କରିଛନ୍ତି ପର୍ଯ୍ୟଟନସ୍ଥଳୀ...

୮/୯
ସିନେମା

୧୩
ସହରଠୁ ଦୂର



# ବାଣ୍ଟିଲେ ବଢ଼େ ଖୁସି

ଧନସମ୍ପତ୍ତି ଥାଇ ମଧ୍ୟ କିଛି ବ୍ୟକ୍ତି ଖୁସି ନ ଥାନ୍ତି। ତେବେ ପ୍ରକୃତ ଖୁସି ମିଳିଥାଏ ଅନ୍ୟ ସହ ଖୁସି ବାଣ୍ଟିବାରେ। ଏଭଳି ଅନେକ ରାସ୍ତା ଅଛି, ଯାହାକୁ ନିଜ ଜୀବନରେ ସାମିଲ କରି ଆପଣ ପ୍ରକୃତ ଖୁସି ପାଇପାରିବେ।



* ଯଦି କାହାଠାରେ କୌଣସି ଭଲ ଗୁଣ ଦେଖନ୍ତି ତେବେ ତାଙ୍କୁ ମନଖୋଲି ପ୍ରଶଂସା କରନ୍ତୁ। ପ୍ରଶଂସା ଶୁଣି ତାଙ୍କ ମୁହଁରେ ଫୁଟିଉଠୁଥିବା ଖୁସି ନିଶ୍ଚିତ ଭାବେ ଆପଣଙ୍କୁ ମଧ୍ୟ ଖୁସି କରିଦେବ।
* କାହାଠାରୁ ଯଦି କିଛି ସାହାଯ୍ୟ ପାଉଛନ୍ତି ତେବେ ତାଙ୍କୁ ଧନ୍ୟବାଦ ଦେବାକୁ ଯେପରି ନ ଭୁଲନ୍ତି।
* ଘର କାମରେ ନିଜ ଜୀବନସାଥୀଙ୍କୁ ସାହାଯ୍ୟ କରନ୍ତୁ। ସପ୍ତାହର ଗୋଟିଏ ଦିନ ତାଙ୍କୁ ଘର କାମରୁ ବିରତି ଦେଇ ସବୁ କାମ ନିଜେ କରନ୍ତୁ, ଦେଖିବେ ଏହା ତାଙ୍କୁ ଖୁସି ଦେବା ସହ ଆପଣଙ୍କୁ ମଧ୍ୟ ସନ୍ତୋଷ ପ୍ରଦାନ କରିବ।
* କର୍ମକ୍ଷେତ୍ରରେ ଅଧସ୍ଥନ କର୍ମଚାରୀଙ୍କୁ ତାଙ୍କ କାର୍ଯ୍ୟ ପାଇଁ ପ୍ରଶଂସା କରନ୍ତୁ। ତାଙ୍କ ମୁହଁର ହସ ଆପଣଙ୍କୁ ନିଶ୍ଚୟ ଖୁସି କରିଦେବ।
* ବିଶେଷ ଅବସରରେ ତ ସମସ୍ତେ ଉପହାର ଦେଇଥାନ୍ତି। କେବେ ବିନା କୌଣସି ଅବସରରେ ନିଜ ପ୍ରିୟଜନଙ୍କୁ ଛୋଟ ଛୋଟ ଉପହାର ଦେଇ ଦେଖନ୍ତୁ ଏହା ସେମାନଙ୍କୁ ଖୁସି କରାଇବା ସହ ଆପଣଙ୍କୁ ମଧ୍ୟ ଖୁସି ପ୍ରଦାନ କରିବ।
* ଘରେ କିମ୍ବା ଅଫିସରେ ଆପଣଙ୍କ ସହ ଯଦି କୌଣସି ବ୍ୟକ୍ତି ଭିତରକୁ ବା ବାହାରକୁ ଯା'ନ୍ତି, ତେବେ ତାଙ୍କ ପାଇଁ ବି ଗେଟ୍‌ଟି ଖୋଲିଦିଅନ୍ତୁ। ଦେଖିବେ ଆପଣଙ୍କର ଏହି ଛୋଟିଆ ଇଙ୍ଗିତ ତାଙ୍କୁ ଖୁସି ଦେବ।
* ଖାଦ୍ୟକୁ ସବୁବେଳେ ବାଣ୍ଟି ଖା'ନ୍ତୁ। ଆପଣଙ୍କ ନିକଟରେ ଥିବା ଖାଦ୍ୟକୁ ଆଖପାଖରେ ଥିବା ଲୋକଙ୍କ ସହ ବାଣ୍ଟି ଖା'ନ୍ତୁ ଦେଖିବେ ଖାଇବାର ମଜା ଦ୍ୱିଗୁଣିତ ହୋଇଯିବ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୫-୧୧

**ମେଷ**: ନୂତନ ଯୋଜନାରମ୍ଭ, ସମସ୍ୟାର ସମାଧାନ, ଆରୋଗ୍ୟଲାଭ, ଭୁଲ୍ ନିଷ୍ପତ୍ତିରୁ ଧନହାନି, ପାରିବାରିକ ମତାନ୍ତର, ପବ୍ଲିକେଶନରେ ବିଳମ୍ବ, ତୀର୍ଥାଟନର ସୁଯୋଗ, ଅଭିଳାଷ ପୂରଣ, ବନ୍ଧୁଙ୍କ ସାକ୍ଷାତ, ଋଣ ପରିଶୋଧ, ପଦାଧିକାରୀଙ୍କ ପ୍ରଶଂସା।

**ବୃଷ**: ଶୃଙ୍ଖଳିତ କର୍ମକ୍ଷେତ୍ର, ସାମ୍ବାଦିକତାରୁ ଗୌରବ, ଚଳଚ୍ଚିତ୍ରରେ ପ୍ରଶଂସା, ଅର୍ଥରୁ ଅନର୍ଥ, ସନ୍ତାନଙ୍କ ଉନ୍ନତି, ସାମାଜିକ ସମ୍ମାନ, ନୂତନ ସ୍ଥାନ ପରିଭ୍ରମଣ, ଯାନ୍ତ୍ରିକ ଶିଳ୍ପରୁ ଲାଭ, କଚେରି ମାମଲାରୁ ଦୁଶ୍ଚିନ୍ତା, ନିର୍ମାଣରେ ବିଳମ୍ବ।

**ମିଥୁନ**: ପାରିବାରିକ ସଦ୍‌ଭାବ, ଉଚ୍ଚ ସମ୍ମାନ, ସାହାଯ୍ୟ ସହଯୋଗ, ବନ୍ଧୁଙ୍କ ଅଭ୍ୟର୍ଥନା, ମର୍ଯ୍ୟାଦାଜନକ ସ୍ଥିତି, କର୍ମକ୍ଷେତ୍ରରେ ମତାନ୍ତର, ସହକର୍ମୀଙ୍କ ବିରୋଧାଭାଷ, ଆର୍ଥିକ ଅନଟନ, ଆତ୍ମସମ୍ମାନ ହାନି।

**କର୍କଟ**: ଉନ୍ନତ ଚିନ୍ତା, ସଭାସମିତିକୁ ନିମନ୍ତ୍ରଣ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ବିବାଦର ସମାଧାନ, ବିଦେଶ ଯାତ୍ରା, ଆନୁଷ୍ଠାନିକ ତତ୍ପରତା, ପରିବହନରେ ଝଗଡ଼ା, ମାଲିମକଦ୍ଦମାରେ ଡିଗ୍ରୀ ଲାଭ।

**ସିଂହ**: ସାମାଜିକ ସମ୍ମାନ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ସ୍ଥଗିତ କାର୍ଯ୍ୟାରମ୍ଭ, ସମ୍ପର୍କୀୟଙ୍କ ବଦାନ୍ୟତା, ପ୍ରଶାସନିକ ସଫଳତା, ରପ୍ତାନି ବାଣିଜ୍ୟରେ ଉନ୍ନତି, ନୂତନ ଗୃହ ନିର୍ମାଣ, ଯାନ୍ତ୍ରିକ ଜିନିଷ କ୍ରୟ, ଆଇନ ସହାୟତା।

**କନ୍ୟା**: ଆର୍ଥିକ ଅବନତି, କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ବ୍ୟବସାୟରେ ଉନ୍ନତି, ପଦୋନ୍ନତି ସୂଚନା, ନିର୍ମାଣରେ ଦ୍ୱନ୍ଦ୍ୱ, ସାହିତ୍ୟ ଚର୍ଚ୍ଚା, ଦୂର ଯାତ୍ରା, ମିତ୍ରଲାଭ, ଜନକଲ୍ୟାଣ କାର୍ଯ୍ୟ, ବିସ୍ମୟ ଖବର ପ୍ରାପ୍ତି।

**ତୁଳା**: ଅର୍ଥନୈତିକ ପ୍ରଗତି, ସାମାଜିକ ସ୍ୱୀକୃତି, ଆର୍ଥିକ ଭରଣା। ମାନସିକ ଚାପ, ପରୋକ୍ଷ ଶତ୍ରୁତା, ଅଯଥା ଯୁକ୍ତିତର୍କ, ଅଳସୁଆମି। ସ୍ତ୍ରୀଙ୍କ ଜିଦ୍‌ରୁ ଅଶାନ୍ତି, କର୍ମକ୍ଷେତ୍ରରେ ଯଶ ସମ୍ମାନ, ଅନୁସନ୍ଧାନରେ ଅଗ୍ରଗତି, କ୍ରନିକ୍ ରୋଗରୁ ପୀଡ଼ା, ପଡ଼ୋଶୀଙ୍କ ଅପପ୍ରଚାର।

**ବିଛା**: ସ୍ଥଗିତ କାର୍ଯ୍ୟ ସାଧନ, ବ୍ୟାଙ୍କରୁ ଋଣପ୍ରାପ୍ତି, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ନୂତନ ଗୃହ ନିର୍ମାଣ, ଯାନବାହନ ଲାଭ, ଶତ୍ରୁ ଦମନ, ଆତ୍ମୀୟଙ୍କ ଶତ୍ରୁତା। କଚେରି ମାମଲାରେ ସଫଳତା, କଳାରୁ ସମ୍ମାନ, ପ୍ରତିବନ୍ଧକ ଦୂର ହେବ।

**ଧନୁ**: ପାରିବାରିକ ସହଯୋଗ, ପରିବହନରେ ସମସ୍ୟା, ଦୂରଯାତ୍ରା, ନୂତନ ନିଯୁକ୍ତି, ମାନସିକ ଶାନ୍ତି। ସ୍ୱାସ୍ଥ୍ୟ ସଚେତନତା, ରଚନାତ୍ମକ କାର୍ଯ୍ୟ, କୁଟୀରଶିଳ୍ପରେ ଉନ୍ନତି, ପ୍ରତିକୂଳ ସ୍ଥିତି ଦୂରେଇଯିବ, ଭଙ୍ଗାମନ ଗଢ଼ିବେ, ଆଶ୍ୱସ୍ତିକର ପରିସ୍ଥିତି ସୃଷ୍ଟି।


**ମକର**: ଶୁଭକର୍ମର ପ୍ରସ୍ତୁତି, ନବଜାତ ସନ୍ତାନ, ନୂତନ ଗୃହ ଜମିଲାଭ, କଳକାରଖାନାର ନବୀକରଣ, ବ୍ୟବସାୟରେ ଅଭିବୃଦ୍ଧି, ଆତ୍ମୀୟଙ୍କ ଅନାଦର ଭାବ। ମାମଲା ଦୁଶ୍ଚିନ୍ତା, ପୁରୁଣା ବେମାରି, ପଡ଼ୋଶୀଙ୍କ କଟୁକ୍ତି, ଶୁଭଖବର ପ୍ରାପ୍ତି।

**କୁମ୍ଭ**: ସାମାଜିକ ସମ୍ମାନ, ବନ୍ଧୁମିଳନ, ପରିବହନରେ ସଂସ୍କାର, ଆଇନ ସହାୟତା, ଅଦାଲତରେ ସଫଳତା, ପୁରସ୍କୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି, ନିର୍ମାଣ ପାଇଁ ସମୟ ଅନୁକୂଳ ରହିବ। ମୂଲ୍ୟବାନ ଦ୍ରବ୍ୟ ଲାଭ, କାର୍ଯ୍ୟସିଦ୍ଧି।

**ମୀନ**: ବନ୍ଧୁମିଳନ, ମୂଲ୍ୟବାନ ଦ୍ରବ୍ୟ ଲାଭ, କାର୍ଯ୍ୟସିଦ୍ଧି, ଆରୋଗ୍ୟଲାଭ, ପଡ଼ୋଶୀଙ୍କ ଶତ୍ରୁତା, ମାଲିମକଦ୍ଦମାରୁ ମନସ୍ତାପ, ଚୁକ୍ତିପତ୍ର ସମ୍ପାଦନ, ପ୍ରତିଯୋଗିତାରେ ସଫଳତା, ବୈବାହିକ ସମ୍ବନ୍ଧୀୟ ଆଲୋଚନା, ଋଣମୁକ୍ତ ହେବେ।

# ପେପର କୋଲାଜ୍ ପେଣ୍ଟିଙ୍ଗ୍

ପେଣ୍ଟିଙ୍ଗ୍ ମାନେ ଆମେ କାନ୍‌ଭାସ ଉପରେ ରଙ୍ଗ ତୂଳୀରେ ଅଙ୍କା ଯାଇଥିବା ଚିତ୍ର କଥା ବୁଝିଥାଉ। କିନ୍ତୁ ବିନା ରଙ୍ଗ ତୂଳୀରେ ପେଣ୍ଟିଙ୍ଗ୍ ବି ହୋଇପାରେ ବୋଲି କେବେ ଭାବିଛନ୍ତି। ଏହାକୁ ସତ କରି ଦେଖାଇଛନ୍ତି କୋଲାଜ୍ ଆର୍ଟିଷ୍ଟ ଅଲବିନ୍ ତଲିକ। ଅଲବିନ ବିଭିନ୍ନ ରଙ୍ଗର ପେପରକୁ କାଟି ତାହାକୁ ଏପରି ଭାବେ କୋଲାଜ୍ କରନ୍ତି, ଯାହାକୁ ଦେଖିଲେ ଲାଗେ କାନ୍‌ଭାସ ଉପରେ ଅଏଲ ପେଣ୍ଟିଙ୍ଗ୍ ଭଳି। ପେଣ୍ଟିଙ୍ଗ୍‌ର ଏହି ନିଆରା ଟେକ୍‌ନିକ୍‌କୁ ପେପର କୋଲାଜ୍ ପେଣ୍ଟିଙ୍ଗ୍ ବୋଲି କୁହାଯାଏ। ଏହି ଟେକ୍‌ନିକ୍ ଅନୁଯାୟୀ ମାଗାଜିନ୍ ବା ପୁରୁଣା ପେପରରୁ ବିଭିନ୍ନ ରଙ୍ଗର ପେପର୍‌କୁ କାଟି ତାକୁ ଅଠା ଦ୍ୱାରା କାନ୍‌ଭାସରେ ଏପରି ଭାବେ ସଜାଇ ଲଗାଯାଇଥାଏ ଯେ, ତାହା ଅଏଲ ପେଣ୍ଟିଙ୍ଗ୍‌ର ଭ୍ରମ ସୃଷ୍ଟି କରିଥାଏ।



ଏହି ଟେକ୍‌ନିକ୍‌କୁ ବ୍ୟବହାର କରି ଅଲବିନ ବିଭିନ୍ନ ଭୂଦୃଶ୍ୟ, ସହରଦୃଶ୍ୟ ପ୍ରସ୍ତୁତ କରିଥାନ୍ତି। ଏହି ପେଣ୍ଟିଙ୍ଗ ପ୍ରସ୍ତୁତ କରିବା ପାଇଁ ଅଲବିନ୍‌ଙ୍କୁ ଏକ ସପ୍ତାହରୁ ଏକ ମାସ ସମୟ ଲାଗିଥାଏ।

# ପାଠକୀୟ

–ସେମାନଙ୍କ ଅପେକ୍ଷା ଥାଏ ବଡ଼ଦିନକୁ। ସେଥିପାଇଁ ଥାଏ କେତେ ପ୍ରସ୍ତୁତି। ଖୁସି ମନାନ୍ତି, ଖୁସି ବାଣ୍ଟନ୍ତି। ତେବେ ଏ ଖୁସି ତାଙ୍କର ଅନ୍ୟକୁ ଖୁସି ଦେବାରେ। ସେଥିରେ ହିଁ ତାଙ୍କର ଆନନ୍ଦ। ସେଥିରେ ହିଁ ତାଙ୍କର ଆତ୍ମତୃପ୍ତି। ଆମେ ଏମିତି କିଛି ଯୁବଗୋଷ୍ଠୀଙ୍କ ସମ୍ପର୍କରେ କହୁଛୁ, ଯେଉଁମାନେ ହୋଟେଲ ଯାଇ, ପିକ୍‌ନିକ୍ କରି ବଡ଼ଦିନକୁ ଉପଭୋଗ କରିବା ପରିବର୍ତ୍ତେ ଅସହାୟ, ଗରିବ ଆଉ ଛୋଟ ଛୋଟ ପିଲାଙ୍କୁ ଉପହାର ଦେଇ ତାଙ୍କରି ଖୁସିରେ ଖୁସି ହୁଅନ୍ତି। ତେଣୁ ଏଭଳି ଏକ ଉପାଦେୟ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଖୁସି ଦେଇ ଖୁସି ପାଉ'ର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। ସେହିପରି 'କ୍ରିସ୍‌ମାସ୍ ଗିଫ୍ଟ' ଏବଂ 'ସାଣ୍ଟା ଇନ୍ ଦ ସ୍କାଏ' ଆଦି ପାଠଗୁଡ଼ିକ ବି ବେଶ୍ ମଜାଦାର୍ ଥିଲା।

*–ଅଶୋକ କୁମାର ମହାନ୍ତି, ଚକ୍ରତୀର୍ଥ ରୋଡ, ପୁରୀ*

–ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଖୁସି ଦେଇ ଖୁସି ପାଉ' ଟି ଏକ ସମୟୋପଯୋଗୀ ତଥା ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ଅନ୍ୟପକ୍ଷେ ପ୍ରଥମ ରୋଜଗାର ସ୍ତମ୍ଭରୁ ସାହିତ୍ୟିକ ତଥା ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ କଲୋନେଲ ଶିବରାମ ଶତପଥୀଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ମନଛୁଆଁ ହୋଇପାରିଥିଲା। ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାର ବିଶିଷ୍ଟ କଣ୍ଠଶିଳ୍ପୀ ଅଲ୍‌କା ଯାଗ୍ନିକ୍‌ଙ୍କ ଜୀବନୀ ବିଷୟରେ ବହୁ ଅଜଣା କଥା ଜାଣିହେଲା।

*–ସ୍ୱାଗତିକା ଦାଶ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*

–ସୃଜନ ପୃଷ୍ଠାରେ ସ୍ଥାନିତ 'ଅଭାବ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ଦୁଷ୍କର୍ମ ଏବଂ 'ଗାମୁଛା' ନାମକ କବିତା ଦୁଇଟି ବି ଖୁବ୍ ସୁନ୍ଦର ଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ ରକୁଲ ପ୍ରୀତ୍ ସିଂଙ୍କ ଫଟୋଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ତା'ସହିତ 'ରୋମିଓ ରାଜା', 'ଇଶାନ ଯାହା ଖୋଜୁଥିଲେ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ମଜାଦାର୍ ଥିଲା।

*–ଶିବାନୀ ସୁବୁଦ୍ଧି, ନୟାଗଡ଼*

–ଏଥରର ସ୍ପେଶାଲ୍ ଇୟର୍ ଏଣ୍ଡିଙ୍ଗ୍ ପୃଷ୍ଠା ଦୁଇଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ବର୍ଷସାରାର ସ୍ମୃତିର ସାମାନ୍ୟ ଝଲକ ଏଥିରେ ଦେଖିବାକୁ ମିଳିଥିଲା। ତା'ସହିତ ମଡେଲ୍ ମିରର୍‌ରେ ସ୍ଥାନିତ ଚିରଶ୍ରୀଙ୍କର ଫଟୋଟି ବି ସୁନ୍ଦର ହୋଇଥିଲା। ଅନ୍ୟପକ୍ଷେ ସହର ପୃଷ୍ଠାରୁ 'କ୍ରିସ୍‌ମାସ୍ ଡେଷ୍ଟିନେଶନ' ସମ୍ପର୍କରେ ବି ଅନେକ କିଛି ଜାଣିହେଲା। ଯାତ୍ରା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା।

*–ସାଇନ୍ ପ୍ରଧାନ, ଜଗତ୍‌ସିଂହପୁର*

–ବିବିଧା ପୃଷ୍ଠାରେ ସ୍ଥାନିତ 'ଟଏଲେଟ୍ ପେପର୍ ୱେଡିଂ ଗାଉନ୍' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଜଣଙ୍କର ଆଖି ନାହିଁ ତ ଆଉ ଜଣଙ୍କର ଗୋଡ, ତଥାପି ଲଙ୍ଘୁଛନ୍ତି ଗିରି' 'ସବୁଠୁ ବଡ଼ ମାନବ କ୍ରିସ୍‌ମାସ୍ ଟ୍ରି' ଏବଂ '୩୬ ବର୍ଷରୁ ୫୦୦ ଲୋକଙ୍କୁ ଖାଇବାକୁ ଦେଉଛନ୍ତି ବାବା' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ଶିକ୍ଷଣୀୟ ବି ଥିଲା।

*–ରାଘବ ସ୍ୱାଇଁ, ମୟୂରଭଞ୍ଜ*

## ବିଶେଷ ଚିଠି



ପାଠକ ଭାବରେ ନିତି ଅବସରେ
ପତ୍ରପତ୍ରିକା କରେ ପଠନ
ଧରିତ୍ରୀର ଛୁଟିଦିନ ନ ପଢିଲେ
ବୁଝେ ନାହିଁ ମୋର ମନ।
କାରଣ ସବୁ ବର୍ଗର ପାଠକ ପାଇଁ
ଏଥିରେ ରହିଛି ଲେଖା
ଯିଏ ପଢିବ ସିଏ କହିବ
ଛୁଟିଦିନ ସବୁଠାରୁ ଚୋଖା।

*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795


ହନୁମାନ ମନ୍ଦିର
ବିନ୍ଧ୍ୟବାସିନୀ ମା' ଦୁର୍ଗା
ଲଳିତମାଧବଙ୍କ ପୀଠ

# ପର୍ଯ୍ୟଟନ ଚିନ୍ତା

**ଦିନେ ନୁହେଁ କି ମାସେ ନୁହେଁ, ବର୍ଷବର୍ଷ ଧରି ଏମାନେ ଜାରିରଖିଛନ୍ତି ତାଙ୍କ ସାଧନା। କିଏ ପାହାଡ଼ କାଟି ତ କିଏ ମନ୍ଦିର ନିର୍ମାଣ କରି ପୁଣି ଆଉ କିଏ ଲୋକଙ୍କ ପାଇଁ କରିଛନ୍ତି ପର୍ଯ୍ୟଟନସ୍ଥଳୀ...**

ସମାଜରେ ବିଭିନ୍ନ ବ୍ୟକ୍ତିଙ୍କ ରୁଚି ଥାଏ ଭିନ୍ନଭିନ୍ନ । ସେମାନଙ୍କ ପାରିଦର୍ଶିତାକୁ ନେଇ ବେଳେବେଳେ ଖୁବ୍ ଚର୍ଚ୍ଚା ବି ହୁଏ। ଏମିତି କି ଦିନେ କି ଦୁଇ ଦିନ ନୁହେଁ ବରଂ ବର୍ଷବର୍ଷଧରି ଜାରି ରଖିଥାନ୍ତି ସାଧନା । ଏଥିପାଇଁ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଥକିନପଡ଼ି ସର୍ବଦା ସଫଳତା ପାଇଁ ପ୍ରୟାସ ଜାରି ରଖିଥାନ୍ତି । ଯାହା ସମୟକ୍ରମେ ପାଲଟିଯାଏ ଇତିହାସ ।

ଜନସେବା ହେଉ କି ପରିବେଶସୁରକ୍ଷା, କଳାସଂସ୍କୃତି କିମ୍ବା ବିଜ୍ଞାନର ଗବେଷଣା, ଅଥବା ଆଧାତ୍ମିକ କ୍ଷେତ୍ର। ନୂତନ କିମ୍ବା ଲୁକାୟିତ ସଂସ୍କୃତିର ବିକାଶ ପାଇଁ କିଏ ପାହାଡ଼କାଟି ଗଢିଛନ୍ତି ମନ୍ଦିର ତ ପୁଣି କିଏ ପ୍ରାକୃତିକ ପରିବେଶର ସୁରକ୍ଷାକରି ସୃଷ୍ଟି କରିଛନ୍ତି ପର୍ଯ୍ୟଟନ ବିଭବ। ତେବେ ଏମିତି ସ୍ଥାନକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ମନରେ ବେଳେବେଳେ ନିଆରା ପ୍ରଶ୍ନଉଠେ। ଏପରି କୀର୍ତ୍ତି ସ୍ଥାପନାର ପ୍ରତିଷ୍ଠାତା କିଏ ଇତ୍ୟାଦି ? ସେମିତି କେତେଜଣ ବ୍ୟକ୍ତି ଓ ଗ୍ରାମବାସୀଙ୍କ ସମ୍ପର୍କରେ।

**ଦେବରାଜଙ୍କ ଦେବକୀର୍ତ୍ତି:** ଶିକ୍ଷାଦାନକୁ ସେ ନିଜରବୃତ୍ତି ଭାବେ ଗ୍ରହଣ କରିଥିଲେ । ନିଶାଥିଲା ପୁରୁଣା ଐତିହ୍ୟସ୍ମୃତିକୁ ଉଧାର କରିବା। ଏଥିପାଇଁ ତାଙ୍କୁ ବର୍ଷବର୍ଷଧରି ସମୟଦେବାକୁ ପଡ଼ିଛି। ମାତ୍ର ସାରାଜୀବନ ଅବିବାହିତ ରହି ଆଗେଇ ଚାଲିଛନ୍ତି ଆଗକୁ ଆଗ । ଥକି ବି ପଡ଼ିନି ପାଦ। ଗଢିତୋଳିଛନ୍ତି ଏକ ଆଧାତ୍ମିକ କ୍ଷେତ୍ର। ଏମିତିରେ ସେ ପହଁଞ୍ଚି ସାରିଲେଣି ବୟସର ଅପରାହ୍ନରେ । ସେ ହେଲେ ଦେବରାଜ ଜେନା। ବୟସ ୭୧ବର୍ଷ। ପିତା ଲୋକନାଥ ଜେନା। ମା' ଫୁଲ ଦେଈ। ଘର ନୟାଗଡ଼ ଜିଲା ଭାପୁର ବ୍ଲକର ଧାନଚାଙ୍ଗଡ଼ା ଗ୍ରାମରେ। ସେ କୁହନ୍ତି ଐତିହାସିକ ତଥା ପୁରାଣ ପ୍ରସିଦ୍ଧ କଣ୍ଟିଲୋର ଶ୍ରୀନୀଳମାଧବଙ୍କ ପବିତ୍ର ପୀଠର ମାହାତ୍ମ୍ୟ ସ୍ୱତନ୍ତ୍ର। ମାତ୍ର ମହାପ୍ରଭୁଙ୍କ ଆଦ୍ୟସେବକ ଭକ୍ତ ଶବରରାଜା ବିଶ୍ୱାବସୁଙ୍କ ଗଡ଼ କୁହାଯାଉଥିବା ଧାଙ୍ଗଡ଼ି ପାହାଡ଼ରେ ରହିଛି ମହାପ୍ରଭୁଙ୍କ ସ୍ମୃତିର ସ୍ମାରକ। ପୂର୍ବେ ବେତଖୋଲରେ ଶ୍ରୀନୀଳମାଧବଙ୍କ ଦର୍ଶନ ପାଇଁ ବିଶ୍ୱାବସୁ ଯାଉଥିଲେ ବୋଲି ଲୋକକଥା ରହିଛି। ସମୟକ୍ରମେ ଏହି ଅଞ୍ଚଳର ବହୁ ତଥ୍ୟ ଲୋକଲୋଚନକୁ ଆସିଛି। ଲୋକକଥାରୁ ଶୁଣାଯାଏ ଶବରରାଜା ବିଶ୍ୱାବସୁଙ୍କ ଧାନଚାଙ୍ଗଡ଼ାଗଡ଼ରେ ଧାଙ୍ଗଡ଼ିପାହାଡ଼ ହୋଇଥିବା ବିଶ୍ୱାସ କରାଯାଏ। ଶବରମାନେ ଅବିବାହିତ ଝିଅଙ୍କୁ ଧାଙ୍ଗେଡ଼ି ବୋଲି କୁହନ୍ତି। ଶବରଜାତିର କୌଣସି କନ୍ୟା ସାଥୀଗ୍ରହଣ କରିବାପରେ ଯଦି କୌଣସି ପରିସ୍ଥିତିରେ ତା'ର ସ୍ୱାମୀ ସେହି ବିବାହିତ ଝିଅଙ୍କୁ ଛାଡ଼ିଦେଇ ଚାଲିଯାଏ। ତାହେଲେ ସେହିଝିଅର ବାପଘର ଲୋକେ ତାକୁ ଆଉ ସ୍ୱଘରକୁ ନନେଇ ଏକ ସୁରକ୍ଷିତ ନୂଆସ୍ଥାନରେ ଛାଡ଼ିଦେଇ ଆସନ୍ତି। ସେଥିପାଇଁ ବୋଧେ ଲଳିତାଙ୍କ ଉଦ୍ଦେଶ୍ୟରେ ଏହି ଅଞ୍ଚଳର ଏକ ସ୍ଥାନ ଯାହାକି ଛାଡ଼ରା ତଇଲା ଭାବେ ଜନଶ୍ରୁତି ରହିଛି। ଅତୀତରେ ଏହି ପାହାଡ଼ ନିକଟରେ ସାତଟି ପୋଖରି ରହିଥିବାର ସ୍ଥାନୀୟ ଗ୍ରାମବାସୀ ଙ୍କଠାରୁ ଜଣାପଡୁଥିବାବେଳେ ଏବେ ଏହା ପ୍ରାୟ ଅବଲୁପ୍ତ।

୧୯୭୨ ମସିହାରେ ଧାଙ୍ଗଡ଼ି ପାହାଡ଼ ଖନନ ବେଳେ ମାଟିତଳୁ ଉଧାର ହୋଇଥିବା ମାଧବଙ୍କ ମୂର୍ତ୍ତି, ବିଭିନ୍ନ ପୁରାତନ ସାମଗ୍ରୀ ଓ କିଛି ଅସ୍ତ୍ର ମିଳିଥିଲା। ୧୯୭୪ମସିହାରେ ଦେଉଳି ପଦରଗାଁ ଠାରେ ଏକ ନୂତନ ଘରର ନିଅଁ ଖୋଳାବେଳେ ମାଟିତଳୁ କିଛି ପୁରୁଣା ସାମଗ୍ରୀ ମଧ୍ୟ ଉଧାର କରାଯାଇଥିଲା ସେହିପରି ୨୦୦୩ ମସିହାରେ କଣ୍ଟିଲୋ ନିକଟସ୍ଥ ଧାନଚାଙ୍ଗଡ଼ା ଗ୍ରାମରୁ ସାତଟି ତାମ୍ରଫଳକ ମିଳିଥିଲା। ଯେଉଁଥିରେ ଏକ୍ ବୃଷଭର ଚିହ୍ନ ଥିଲା । ଏହା ନବମ ଶତାବ୍ଦୀର ଏକ ଦାନପତ୍ର ବୋଲି ଜଣାପଡ଼େ । ଏଥିରେ ଶାନ୍ତିକର ଦେବସ୍ୟ ବୋଲି ଲେଖାଥିଲା । ମୁଁ ଯେତେବେଳେ ଶିକ୍ଷକତା କରୁଥିଲି ଥରେ ମତେ ସ୍ୱପ୍ନାଦେଶ ହେଲା ବିଷ୍ଣୁଙ୍କ ମନ୍ଦିର ସମ୍ପର୍କରେ। ତା' ପରେ ଏହି ସ୍ଥାନରେ ଗୋଟିଏ ବିଷ୍ଣୁମନ୍ଦିର ନିର୍ମାଣର ପ୍ରୟାସ କରିଥିଲି । ୧୯୯୬ରୁ ଏହି ପୀଠର କାମ ଆରମ୍ଭ କରିଥିଲୁ। ଏଥିପାଇଁ ପ୍ରାୟ ୯ବର୍ଷ ସମୟ ଲାଗିଛି। ଗ୍ରାମବାସୀ ସହଯୋଗ କରିଛନ୍ତି। ଲଳିତମାଧବଙ୍କ ମନ୍ଦିରର ପାର୍ଶ୍ୱଦେବତା ଭାବେ ନୃସିଂହ, ବରାହ, ବାମନ, ସମ୍ମୁଖରେ ଯଜ୍ଞମଣ୍ଡପ, ଯାତ୍ରୀ ବିଶ୍ରାମାଗାର, ଧାଙ୍ଗଡ଼ି ଦେବୀଙ୍କ ମନ୍ଦିର ରହିଛି। ବିଶ୍ୱାବସୁ ଟାୱାର ଉପରୁ ଏହି ଅଞ୍ଚଳର ପ୍ରାକୃତିକ ଶୋଭାକୁ ଦେଖିବାରେ ନିଆରା ଅନୁଭବ କରିପାରିବେ। ଜଙ୍ଗଲ ,ନଦୀ ଓ ପାହାଡ଼ ଘେରାରେ ଏହି ପୀଠଟି ଅବସ୍ଥିତ । ମାତ୍ର ଧାଙ୍ଗଡ଼ି ପାହାଡ଼ଟି ଦକ୍ଷିଣ ମୁହାଁ ହୋଇରହିଛି। ଏହି ପୀଠରେ ପାରମ୍ପରିକ ରୀତି ନୀତିରେ ପୂଜାକାର୍ଯ୍ୟ ସକାଳୁ ରାତି ଯାଏ ହୋଇଥାଏ। ଧନୁସଂକ୍ରାନ୍ତି ଏଠାର ମୁଖ୍ୟପର୍ବ ଭାବେ ପାଳନ ହୋଇଥାଏ। ଅନ୍ୟପକ୍ଷେ ଧାଙ୍ଗଡ଼ି ପାହାଡ଼ର ପୂର୍ବରେ ଧାନଚାଙ୍ଗଡ଼ି ଗାଁ,ପଶ୍ଚିମରେ କୁସୁମୀ ନଦୀ, ଉତ୍ତରରେ ଶ୍ରୀନୀଳମାଧବଙ୍କ ପୀଠ, ଓ ମହାନଦୀର ବାଲୁକାବନ୍ଧ। ଦକ୍ଷିଣରେ କାଳିଆପଲ୍ଲୀ ଗାଁ, ପାହାଡ଼ର ପାଦଦେଶରେ ଏକ ତୋରଣ ନିର୍ମାଣ ହୋଇଛି। ରାଜ୍ୟ ଓ ଜିଲା ପର୍ଯ୍ୟଟନ ବିଭାଗକୁ ପର୍ଯ୍ୟଟନ କ୍ଷେତ୍ର ପାଇଁ ଚିଠି ହୋଇଛି । କେବଳ କାଗଜ କଲମରେ ଅଟକି ରହିଛି। ଏସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

**କାଳିଆକୃପାରୁ ଘାରିଲା ଲୀଳାକ୍ଷେତ୍ରର ପ୍ରୀତି:** ଗାଁରେ ଚାଲିଥାଏ ଯଜ୍ଞଉତ୍ସବ। ଆଧାତ୍ମିକ ପରିବେଶରେ ଭକ୍ତିଭାବର ଉପସ୍ଥିତ ଦର୍ଶନାର୍ଥୀ ଓ ଶ୍ରଦ୍ଧାଳୁଙ୍କ ମନରେ ଜାଗ୍ରତ ହୋଇଥିଲା ଲୀଳାକ୍ଷେତ୍ରର ପ୍ରୀତି । ମହାପ୍ରଭୁ ତ ଅତୀତରେ ଏହି ଗାଁକୁ ଆସିଥିଲେ ଏକଥାଟି ସମସ୍ତଙ୍କ ମନରେ ଆନ୍ଦୋଳିତ କଲା। ତାପରେ କେତେଜଣ ଯୁବକଙ୍କ ଗାଁର ଐତିହ୍ୟକୁ ପୁନରୁଧାର ପାଇଁ ଚିନ୍ତା କରିଥିଲେ । ତେବେ ଏହାର ଆବାହକ ଭାବେ ଜଣେ ଯୁବକ ପଡ଼ିଗଲେ କାଳିଆ ପ୍ରେମରେ । ସତେ ଯେମିତି କାଳିଆ ତାଙ୍କୁ ହାତଠାରି ନିର୍ଦ୍ଦେଶ ଦେଉଥିଲା। ହେଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲୀଳାବଡ଼ ବିଚିତ୍ର। ଚିଲିକାରେଥିବା ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଇତିହାସ ପାଲଟିଛି। ଚିଲିକାର କାଙ୍କଣକୁଦରେ ମହାପ୍ରଭୁଙ୍କ ଅବସ୍ଥାନବେଳେ ସେବକମାନେ ନିକଟସ୍ଥ ଯମୁନା ନିର୍ଝରରୁ ମଧୁର ଜଳ ସଂଗ୍ରହ କରି ମହାପ୍ରଭୁଙ୍କ ସେବାରେ ଉପଯୋଗ କରୁଥିଲେ। ଅନ୍ୟପକ୍ଷେ କାଙ୍କଣକୁଦରେ ସେତେବେଳେ ପ୍ରଚୁର ପରିମାଣର କାଙ୍କଣ ହେଉଥିବାରୁ ମହାପ୍ରଭୁଙ୍କ ମଣୋହିରେ ଲାଗୁଥିଲା। କୈବର୍ତ୍ତମାନେ ଏଠାରୁ କାଙ୍କଣ ତୋଳି ଡଙ୍ଗାରେ ନେଇଥାନ୍ତି। ଚିଲିକା କାବ୍ୟରେ ଉଲ୍ଲେଖ ରହିଛି-: ତରଙ୍ଗବେଷ୍ଟିତ କାଙ୍କର ଶିଖରୀ , ଆଦ୍ୟଫଳେ ଯା'ର ତରୀ ପୂର୍ଣ୍ଣକରି । ବର୍ଷେ ବର୍ଷେ ହ୍ରଦ ବିହାରୀ ଧୀବରେ , ଆଦରେ ଫେରନ୍ତି ଲକ୍ଷ୍ମୀରୋଷଘରେ। ତେବେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପୁନରୁଧାର ଓ


ରାଧାକୃଷ୍ଣଙ୍କ ମନ୍ଦିର



ବିକାଶ ନିମନ୍ତେ ଡକ୍ଟର ସୁଶାନ୍ତ ସାହୁ କୁହନ୍ତି ଆମେ ଶୁଣିଥିଲୁ ବହୁବର୍ଷ ପୂର୍ବେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆମଗାଁକୁ ଆସିଥିଲେ। ଏହି ସଂସ୍କୃତି ବିଷୟରେ ମନରେ ସ୍ୱତଃପ୍ରବୃତ୍ତ ଭାବେ ଏକପ୍ରକାର ଭାବ ସୃଷ୍ଟିହେଲା । ୨୦୦୭ ମସିହାରେ ପୁରୀରୁ ଶ୍ରୀମନ୍ଦିର ପ୍ରଶାସନିକ ଏହି ପୀଠକୁ ଆସିଥିଲେ। ଏହାପରେ ୨୦୧୪ମସିହାରେ ଗାଁର କେତେଜଣ ଯୁବକ ଭୁବନେଶ୍ୱରରେ ଏକ ବୈଠକ କରିଥିଲୁ। ୨୦୧୫ ଫେବୃୟାରୀ ୯ରେ ଗାଁରେ ଚକାଦେବଙ୍କ ଉଦ୍ଦେଶ୍ୟରେ ଏକସିଂହାସନ ଉତ୍ସବ ଆୟୋଜନ କରିଥିଲୁ। ପରେ କାଙ୍କଣ ଶିଖରୀ ବିଷୟରେ ଶ୍ରୀମନ୍ଦିର ପ୍ରଶାସନିକଙ୍କଠାରୁ ଅଧିକ ତଥ୍ୟ ଜଣିପାରିଲୁ। ଏଠାରେ ଏକ ସ୍ମାରକୀ କରିଲୁ। ପୀଠକୁ ଯାତାୟାତ ପାଇଁ ୨ଟି ଡଙ୍ଗାର ବ୍ୟବସ୍ଥା କରିଥିଲୁ। ବିଦେଶରେ ରହୁଥିବା ଆମ ଗାଁର ଯୁବକମାନେ ଏଥିରେ ସହଯୋଗକଲେ। ନବକଳେବର ଅବସରରେ କାଙ୍କଣ ଶିଖରୀ ଠାରେ ବୃକ୍ଷ ରୋପଣ କରାଯାଇଥିଲା। ଏହି କୁଦର ମାଟିତଳୁ ମହାପ୍ରଭୁଙ୍କ ଚନ୍ଦନ ଘୋରା ପଥର ଉଦ୍ଧାର ହୋଇଥିଲା। ଗ୍ରାମବାସୀଙ୍କ ଉଦ୍ୟମରେ କାଙ୍କଣକୁଦଠାରେ ଏକ ଛାତଘର ନିର୍ମାଣ ହୋଇଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ନବକଳେବର ଦେବଦୁର୍ଲଭ ନନ୍ଦିଘୋଷ ରଥର ଚକକୁ ୨୦୧୬ ମାର୍ଚ୍ଚ ୬ରେ ଏଠାକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଉଛି। ଏଠାରେ ପ୍ରତିଦିନ ମଣୋହି ଲାଗି ହୁଏ। ଏଥିପାଇଁ ଜଣେ ପୂଜକ ନିଯୁକ୍ତ ଅଛନ୍ତି। ଏକ କୂଅ ଖନନ ହୋଇଛି। ଦର୍ଶନାର୍ଥୀଙ୍କ ପାଇଁ ଏହି କୁଦର କୂଳରେ ପ୍ରାରମ୍ଭିକ ଭାବେ ପ୍ରାୟ୨୫ଟି ସିମେଣ୍ଟ ଚୌକି ହୋଇଥିଲା। କେତୋଟି ସୋଲାର ଖୁଣ୍ଟ ବି ରହିଛି। ଏହି କ୍ଷେତ୍ରରେ ମୁଖଶାଳା ବି ରହିଛି। ୨୦୧୮ରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ କମ୍ୟୁନିଟ ହଲ ହୋଇଛି। ତା'ପରେ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ରହିଲା। ଦୁଇଜଣ ଭକ୍ତ ଏକ ଯଜ୍ଞ ମଣ୍ଡପ କରିଛନ୍ତି । ଏମିତିରେ ମହାପ୍ରଭୁଙ୍କ କୃପାରେ ସବୁ ଚାଲିଛି । ଶ୍ରୀଜଗନ୍ନାଥଙ୍କ ମହୋତ୍ସବରେ ଏହି ଗାଁକୁ ଗଜପତି ମହାରାଜାଙ୍କ ଆଗମନ ଏକ ଐତିହାସିକ ସ୍ମୃତି ବହନକରେ । ପ୍ରତିଦିନ ସକାଳ ୮ଟାରୁ ଦିନ ୫ଟା ପର୍ଯ୍ୟନ୍ତ ଦର୍ଶନାର୍ଥୀମାନେ ଡଙ୍ଗାରେ ଯାତାୟାତ କରିଥାନ୍ତି। ଏହି ପୀଠକୁ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ର ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି। ପର୍ଯ୍ୟଟନ ମାନ୍ୟତା ପାଇଁ ସର୍ବ ପ୍ରଥମେ କଳିଙ୍ଗ କନ୍ୟା ପାଇକ ଆଖଡ଼ା ଦଳର ବାଳିକାମାନେ ସରକାରୀ ସ୍ତରରେ ଦୃଷ୍ଟି ଆକର୍ଷଣ କରିଛନ୍ତି।

**ମନେ ପକାଇଲେ ଗଗନବିହାରୀ: ସଫଳ କଲେ ଗିରିଧାରୀ:** କେଉଁଠି ମଣ୍ଡପ ତ କେଉଁଠି ମନ୍ଦିର, ଆଉ କେଉଁଠି ଭକ୍ତଙ୍କ ଲାଗି ପ୍ରସାଦସେବନର ବ୍ୟବସ୍ଥା, ଏପରିକି କେହି ଅସହାୟ କିମ୍ବା ରୋଗୀଙ୍କୁ ଦେଖିଲେ ସେ ସାହାଯ୍ୟର ହାତ ବଢ଼ାଇଥାନ୍ତି । ଏମିତିରେ ଭଗବଦ୍ ପ୍ରେମ ହିଁ ସୃଷ୍ଟି ହୋଇଥିଲା ତାଙ୍କ ମନରେ । ଏଥିପାଇଁ ସେ ଚିଲିକାର ପ୍ରାକୃତିକ ପରିବେଶରେ ଗଢି ତୋଳିଛନ୍ତି ଏକ ସୁନ୍ଦର ମନ୍ଦିର। ସେ ହେଲେ ଗଗନ ବିହାରୀ ଶତ୍ରୁଶଲ୍ୟ, ବୟସ ୭୦। ପିତା କେଳୁଚରଣ ଶତ୍ରୁଶଲ୍ୟ। ମା ମନ୍ଦଦେଈ। ଗଗନ କୁହନ୍ତି ମତେ ଦେଢ଼ବର୍ଷ ହୋଇଥିଲା ବାପା ମରିଗଲେ, ଆମେ ୩ ଭାଇ ଭଉଣୀ ଥିଲୁ। ପରେ ମୁଁ ମା'ଙ୍କ ପାଖରେ ରହୁଥିଲି। ରୋଜଗାର ଉଦ୍ଦେଶ୍ୟରେ ରାଉରକେଲା ପଳାଇଥିଲି ସେଠାରେ ଶ୍ରମିକଭାବେ କାମକଲି। ଧୀରେ ଧୀରେ କଣ୍ଟ୍ରାକ୍ଟର ବି ହୋଇଗଲି। ପ୍ରଥମେ ୧୯୭୫ରେ କାମଟିଏ ମିଳିଥିଲା । ତା ପରେ ଆଉ ପଛକୁ ଚାହିଁନି। କେନ୍ଦୁଝର, ଦିଲ୍ଲୀ, କୋଲକାତା ଆଦି ସ୍ଥାନରେ କାମ କରିବାର ସହଯୋଗ ପାଇଥିଲି। ଗାଁରେ ଭାଗବତ ସପ୍ତାଙ୍ଗ ହେଉଥାଏ, ଗଗନବିହାରୀ ବରାଳ ନାମକ ଜଣେ ବ୍ୟକ୍ତି କହିଲେ ଏଠାରେ ଗୋଟିଏ ମନ୍ଦିର ହେଲେ ଆମେ ନାମ କୀର୍ତ୍ତନ କରିପାରନ୍ତୁ । ସମୟକ୍ରମେ ମତେ ସେ କଥାଟି ଘାରିଲା, ଗ୍ରାମର ସମସ୍ତଙ୍କ ସହଯୋଗ ପାଇଁ ଉଦ୍ୟମ କଲି ମାତ୍ର ଦୃଢ଼ ମନୋବଳ ନେଇ ଏଠାରେ ଏକ ପାହାଡ଼ ରାସ୍ତାକୁ ଓସାର କରି ଏକ ରାଧାକୃଷ୍ଣଙ୍କ ମନ୍ଦିର ନିର୍ମାଣ କରାଗଲା। ୨୦୧୧ ମସିହାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ଆଜକୁ ପ୍ରାୟ ୮ବର୍ଷ ସମୟ ଲାଗିଥିଲା। ପ୍ରାୟ ୧କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ମନ୍ଦିର ବୁଝାମଣା ପାଇଁ ଏକ କମିଟି ରହିଛି। ପୂଜାରୀ ଅଛନ୍ତି। ପ୍ରଭୁଙ୍କ ଆଶୀର୍ବାଦରୁ ସବୁ ଠିକ୍ ଚାଲିଛି। ଏହି ଗ୍ରାମର ଦିନବନ୍ଧୁ ସ୍ୱାଇଁ କୁହନ୍ତି ସେ ଲୁକ୍କାୟିତ ଐତିହ୍ୟର ସୁରକ୍ଷା ନିମନ୍ତେ କାର୍ଯ୍ୟ କରିବାର ପଦକ୍ଷେପ ନେଇଛନ୍ତି। ଏହି ପୀଠକୁ ଆସିବାକୁ ହେଲେ ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧାରୁ ବାଲୁଗାଁ ଅଭିମୁଖେ ଆସିଲେ ପଡ଼ିବ ଆଙ୍କୁଲା ଛକ। ଏଠାରୁ ପୂର୍ବକୁ ପ୍ରାୟ ୨କିମି ଦୂର ଡାଙ୍ଗୁଆ, କ୍ଷେତ୍ରପାଳ ଗାଁ, ରାସ୍ତାରେ ଯିବାରେ ପଡ଼ିବ ରାହାଣବେଲି ଗାଁ। ଏହି ଗାଁର ଚିଲିକା କୂଳରେ ପ୍ରତିଷ୍ଠା ହୋଇଛି ରାଧାକୃଷ୍ଣଙ୍କ ମନ୍ଦିର । ନିକଟରେ ଗିରିଗୋବର୍ଦ୍ଧନ ପାହାଡ଼। ନୀଳାମ୍ବୁ ଚିଲିକାର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ଏକ ନିଆରା ଅନୁଭୂତି ପାଇବେ। ଏହା ପର୍ଯ୍ୟଟନ କ୍ଷେତ୍ର ହୋଇପାରିଲେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ହୁଏତ ରୋଜଗାର ସୃଷ୍ଟି କରିପାରିବ।

**ସ୍ୱପ୍ନରେ ସଙ୍କେତ ମିଳିଲା :ଦେବୀଭକ୍ତଙ୍କ କାର୍ଯ୍ୟ ସତହେଲା :** ଖୋର୍ଦ୍ଧା ଜିଲାର ବାଲୁଗାଁକୁ ଉତ୍ତରପଟୁ ପ୍ରବେଶ କରିବା ମାତ୍ରେ ପ୍ରଥମେ ନଜର ପଡ଼ିବ ଦୁଇଟି ପାହାଡ଼ ଯାହା ଦ୍ୱାର ସଦୃଶ୍ୟ ରହିଛି। କୃଷ୍ଣ ମୋହନ ବଳବନ୍ତରାୟ କୁହନ୍ତି ବାଣପୁର ଇତିହାସରେ ଉଲେଖ ରହିଛି ମାମୁଁ –ଭଣଜା ପାହାଡ଼ର କିମ୍ବଦନ୍ତୀ ଓ ଐତିହ୍ୟରୁ ଜଣାପଡ଼େ ଏହା ପୁରାଣବର୍ଣ୍ଣିତ ବାଣାସୁରଙ୍କ ଗଡ଼ର ଏକ ସ୍ମାରକୀ ପୀଠ । ପୂର୍ବେ ଅଗାଧୁ ଦାସ ନାମକ ଜଣେ ସାଧୁ ଏହି ପାହାଡ଼ର ଶିଖରରେ ଥିବା ସୀତାମା'ଙ୍କ କୁଣ୍ଡଠାରେ ଠାକୁରାଣୀଙ୍କୁ ପୂଜା କରୁଥିଲେ।

ମାତ୍ର ସମୟକ୍ରମେ ଏହି ପାହାଡ଼ରେ ସୁନ୍ଦର ମନ୍ଦିର ପ୍ରତିଷ୍ଠା ହୋଇଛି। ଭୂଷଣ୍ଡପୁର ଅଞ୍ଚଳ ସୁନ୍ଦରପୁର ଗ୍ରାମର ବାସୁଦେବ ସରକାର କୁହନ୍ତି ମୋ ମା' ସାବିତ୍ରୀ ଦେବୀ ଥିଲେ ଜଣେ ଧାର୍ମିକ ମହିଳା । ସେ ମହିମା ତାରାଙ୍କୁ ଆରାଧନା କରୁଥିଲେ। ମାତ୍ର ତାଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ମହିମାତାରାଙ୍କ କୃପାରୁ ଐତିହାସିକ ମାମୁ–ଭଣଜା ପାହାଡ଼ରେ ୧୯୯୯ମସିହାରେ ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠା କରିଥିଲେ କେତୋଟି ପାହାଚ । ସମୟକ୍ରମେ ହନୁମାନଙ୍କ ମନ୍ଦିର, ନିଦ୍ରାବତୀ, ମଙ୍ଗଳା ଏବଂ ପାହାଡ଼ ଉପରକୁ ଯିବା ପାଇଁ ପ୍ରାୟ ୩୫୩ ପାହାଚ ତିଆରି କରିଛନ୍ତି। ସେହିପରି ଭାବେ ସୁନ୍ଦରଗଡ଼ ଜିଲାର ହେମଗିରିର ରାଜାସାହେବ ସୁନୀଲ ସିଂହଦେଓ ଓ ତାଙ୍କ ସାନଭାଇ ଅନିଲ ସିଂହଦେଓ କୁହନ୍ତି ମୋ ମା ତଥା ହେମଗିରିର ରାଜମାତା ଚନ୍ଦ୍ରମୁଖୀ ଦେବୀଙ୍କୁ ମା' ଦୁର୍ଗାଙ୍କ ସ୍ୱପ୍ନାଦେଶ ହୋଇଥିବାର ସେ କହିଥିଲେ। ଶକ୍ତିଙ୍କ କୃପାରେ ୨୦୦୬ରେ ମାମୁ–ଭଣଜା ପାହାଡ଼ରେ ମା ଆରମ୍ଭ କରିଥିଲେ ବିନ୍ଧ୍ୟଗିରି ବାସିନୀ ମା' ଦୁର୍ଗାଙ୍କ ମନ୍ଦିର। ଏହା ୨୦୧୯ରେ ସରିଲା। ଏହି ମନ୍ଦିରର ପୂଜାର୍ଚ୍ଚନା ନୀତି ପାଇଁ ଜଣେ ପୂଜକ ଅଛନ୍ତି। ଏଠାରେ ରାମନବମୀ, ହନୁମାନ ଜୟନ୍ତୀ,ମକରପର୍ବ, ରଜ ଓ ଯଜ୍ଞଆଦି କାର୍ଯ୍ୟକ୍ରମ ହୋଇଥାଏ। ସକାଳେ ,ମଧ୍ୟାହ୍ନରେ ଓ ରାତିରେ ନିତି ଭୋଗ ପୂଜାର୍ଚ୍ଚନାର ବ୍ୟବସ୍ଥା ରହିଛି। ଅତିଥିଗୃହ , କଲ୍ୟାଣ ମଣ୍ଡପ, ପାହାଡ଼ର ଗୁମ୍ଫା ମଧ୍ୟରେ ସୁନ୍ଦର କୋଠରି ରହିଛି। ଏହି ପାହାଡ଼ର ଶିଖରରୁ ଚିଲିକାର ସୁନ୍ଦର ରୂପ ବର୍ଣ୍ଣାଳୀକୁ ଦେଖି ଯେ କେହି ବି ବିମୋହିତ ହୋଇପାରିବେ। ତେବେ ପ୍ରତିଦିନ ଏଠାକୁ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁମାନେ ସମାଗମ ହୋଇଥାନ୍ତି। ବିଶେଷକରି ପ୍ରତି ସଂକ୍ରାନ୍ତିରେ ଏଠାରେ ଭକ୍ତଙ୍କ ଭିଡ଼ ଜମିଥାଏ। ତେବେ ଏଠାରେ ମନ୍ଦିର ପ୍ରତିଷ୍ଠା ପାଇଁ କେବଳ ଆଧାତ୍ମିକ ଚିନ୍ତନ ରହିଥିବା ସେ କହିଥିଲେ। ଅନ୍ୟପକ୍ଷେ ସମୟକ୍ରମେ ଏମିତି ଐତିହାସିକ ,ଧାର୍ମିକ ତଥା ପ୍ରାକୃତିକ ପରିବେଶରେ ଲୁକ୍କାୟିତ ରହିଥିବା ଅନେକ ସ୍ଥାନ ପର୍ଯ୍ୟଟନ ବିଭବର ପରିଚୟ ଦେଇଥାଏ। ଏହାର ବିକାଶରେ ସହାୟକ ହୋଇଥିବା ବ୍ୟକ୍ତିବିଶେଷ ସ୍ମରଣୀୟ ହୋଇ ରହିଥାନ୍ତି।

–ବନବିହାରୀ ବେହେରା


କାଙ୍କଣ ଶିଖରୀ
ହନୁମାନ
ରାଧାକୃଷ୍ଣ
ଲଳିତ ମାଧବ


ସୁଶାନ୍ତ ସାହୁ


ଦେବରାଜ ଜେନା


ହେମଗିରିର ରାଜମାତା ଚନ୍ଦ୍ରମୁଖୀ ଦେବୀ


ସାବିତ୍ରୀ ଦେବୀ


ଗଗନ ବିହାରୀ ଶତ୍ରୁଶଲ୍ୟ





# ସେଲର୍ ପ୍ୟାଣ୍ଟ

**ଶୀତଦିନେ ଆଙ୍କେଲ ଫିଟ୍ ଟ୍ରାଉଜର୍ସ କିମ୍ବା ସ୍କିନ୍ ଟାଇଟ୍ ଜିନ୍ସ ବଦଳରେ ଯୁବତୀମାନେ ସେଲର୍ ପ୍ୟାଣ୍ଟ ପିନ୍ଧିବାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। କାରଣ ଏହାକୁ ଉଭୟ ଫର୍ମାଲ୍ ତଥା କାଜୁଆଲ୍ ଆଉଟ୍‌ଫିଟ୍ ଭାବେ ଆରାମରେ କ୍ୟାରି କରିହୁଏ...**



ଶୀତଦିନ ଆସିଲେ ମାର୍କେଟ୍‌କୁ ଅନେକ ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡର ଆଗମନ ହୋଇଥାଏ। ଏଇ ଯେମିତି ସେଲର୍ ପ୍ୟାଣ୍ଟ। ଏହା ପିନ୍ଧିବାକୁ ଯେମିତି କମ୍ଫର୍ଟେବଲ୍ ଲାଗେ ସେମିତି ସ୍ମାର୍ଟ ଲୁକ୍ ବି ଦେଇଥାଏ। ଖାସ୍ ସେଥିପାଇଁ ଆଙ୍କେଲ ଫିଟ୍ ଟ୍ରାଉଜର୍ସ ତଥା ସ୍କିନ୍ ଟାଇଟ୍ ଜିନ୍ସ ବଦଳରେ ଯୁବତୀମାନେ ଆଜିକାଲି ସେଲର୍ ପ୍ୟାଣ୍ଟ ପିନ୍ଧିବାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ତା'ଛଡ଼ା ଏହି ପ୍ୟାଣ୍ଟକୁ ଉଭୟ ଫର୍ମାଲ୍ ଓ କାଜୁଆଲ୍ ଆଉଟ୍‌ଫିଟ୍ ଭାବେ କ୍ୟାରି କରିବାରେ ବି ବହୁତ ସୁବିଧା ହୋଇଥାଏ। ତେବେ ସେଲର୍ ପ୍ୟାଣ୍ଟର କ'ଣ ସବୁ ଲାଟେଷ୍ଟ ଡିଜାଇନ୍ ରହିଛି ଆସନ୍ତୁ ଜାଣିବା ସେ ସମ୍ପର୍କରେ...

**ଆନିମଲ୍ ପ୍ରିଣ୍ଟ:** ଆନିମଲ୍ ପ୍ରିଣ୍ଟ ଥିବା ଯେ କୌଣସି ଆଉଟ୍‌ଫିଟ୍ ଯୁବତୀମାନଙ୍କୁ ସ୍ମାର୍ଟ ଲୁକ୍ ଦେଇଥାଏ। ଖାସ୍‌କରି ଏହି ପ୍ରିଣ୍ଟର ସେଲର୍ ପ୍ୟାଣ୍ଟ ପିନ୍ଧିବାକୁ ଯେମିତି କମ୍ଫର୍ଟେବଲ୍ ଲାଗେ ଠିକ୍ ସେମିତି ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ। ତେବେ ଆନିମଲ୍ ପ୍ରିଣ୍ଟ ଥିବା କେତେକ ସେଲର୍ ପ୍ୟାଣ୍ଟର ଅଣ୍ଟା ପାଖରେ ଚଉଡା ଷ୍ଟାଇଲ୍‌ର ଟାଇଟ୍ ବେଲ୍ଟ ଲାଗିଥିବାବେଳେ ଆଉ କେତେକ ପ୍ୟାଣ୍ଟରେ ପ୍ଲିଟ୍ ଷ୍ଟାଇଲ୍ ହୋଇଥାଏ, ଯାହାକୁ ମ୍ୟାଚିଂ ଶାର୍ଟ କିମ୍ବା ଟପ୍ସ ସହ ପିନ୍ଧିକି ଅଫିସ୍‌କୁ ବି ଯାଇହୁଏ।

**ପ୍ଲେନ୍ ସେଲର୍ ପ୍ୟାଣ୍ଟ:** ଖାସ୍‌କରି ଶାଟିନ୍ କିମ୍ବା କ୍ରେପ୍ ଫ୍ୟାବ୍ରିକ୍‌ରେ ଆସୁଥିବା ପ୍ଲେନ୍ ସେଲର୍ ପ୍ୟାଣ୍ଟକୁ ଯୁବତୀମାନେ ଅଧିକ ପସନ୍ଦ କରିଥାନ୍ତି। ସେହିପରି ୱାଇଡ୍ ଲେଗ୍ ଷ୍ଟାଇଲ୍‌ର ପ୍ଲେନ୍ ସେଲର୍ ପ୍ୟାଣ୍ଟ ବି ଯୁବତୀଙ୍କୁ ସୋବର୍ ଲୁକ୍ ଦେଇଥାଏ। ତେବେ ଏହି ଷ୍ଟାଇଲ୍‌ର ସେଲର୍ ପ୍ୟାଣ୍ଟ ସାଙ୍ଗରେ ଫ୍ରିଲ୍ ସ୍ଲିଭ୍ସ ୱିଣ୍ଟର୍ ଟପ୍ସ ବେଶ୍ ଭଲ ମାନିଥାଏ।

**କ୍ରପ୍ଡ ଷ୍ଟାଇଲ୍:** ଡେନିମ୍ ଲଭର୍ ଯୁବତୀମାନେ ଯଦି କିଛି ନୂଆ ଷ୍ଟାଇଲ୍ ଟ୍ରାଏ କରିବାକୁ ଚାହୁଁଥାନ୍ତି, ତା'ହେଲେ କ୍ରପ୍ଡ ୱାଇଡ୍ ଲେଗ୍ ସେଲର୍ ପ୍ୟାଣ୍ଟ ସେମାନଙ୍କ ପାଇଁ ବେଷ୍ଟ ଅପ୍ସନ। ଏହି ଷ୍ଟାଇଲ୍‌ର ସେଲର୍ ପ୍ୟାଣ୍ଟ ସାଙ୍ଗରେ ଖାସ୍ କରି ଶ୍ରଗ୍ କିମ୍ବା ଜ୍ୟାକେଟ୍ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।

**ଚେକ୍ସ ପ୍ରିଣ୍ଟ ଷ୍ଟାଇଲ୍:** କାଜୁଆଲ୍ ଲୁକ୍ ପାଇଁ ଚେକ୍ସ ପ୍ରିଣ୍ଟବାଲା ସେଲର୍ ପ୍ୟାଣ୍ଟ ପିନ୍ଧିବା ପରଫେକ୍ଟ ଅପ୍ସନ। ଆଉ ଶୀତଦିନେ ଏହି ଷ୍ଟାଇଲ୍‌ର ପ୍ୟାଣ୍ଟକୁ ଲେଦର୍ ଜ୍ୟାକେଟ୍ ସହ କ୍ୟାରି କଲେ ଟ୍ରେଣ୍ଡି ଲୁକ୍ ମିଳିଥାଏ। ସେହିପରି ବାଇକର୍ କିମ୍ବା ବମ୍ବର ଲେଦର୍ ଜ୍ୟାକେଟ୍ ସହିତ ବି ଚେକ୍ସ ପ୍ରିଣ୍ଟ ବାଲା ସେଲର୍ ପ୍ୟାଣ୍ଟ ବେଶ୍ ଭଲ ମ୍ୟାଚ୍ କରିଥାଏ।


**ହାଇୱେଷ୍ଟ ପ୍ୟାଣ୍ଟ:** କମ୍ଫର୍ଟ ଅନୁଭବ କରାଉଥିବା ଏହି ଧରଣର ପ୍ୟାଣ୍ଟକୁ ଆପଣ ଚାହିଁଲେ କାଜୁଆଲ୍ ୱେର୍ ଭାବେ ଆଉଟିଂରେ ଗଲାବେଳେ କ୍ୟାରି କରିପାରିବେ। ତା'ଛଡ଼ା ଏହି ପ୍ୟାଣ୍ଟ ସହ ମ୍ୟାଚିଂ କଲର୍‌ର ହେଉ କିମ୍ବା କଣ୍ଟ୍ରାଷ୍ଟ କଲର୍‌ର ଟପ୍ସ ବି ଭଲ ମାନିଥାଏ। ସେହିପରି କୁଲ୍ ତଥା ଷ୍ଟାଇଲିଶ୍ ଲୁକ୍ ପାଇଁ ଯୁବତୀମାନେ ଚାହିଁଲେ ଏହି ଆଉଟ୍‌ଫିଟ୍ ସହ ଡିଜାଇନର ସ୍କାର୍ଫ ମଧ୍ୟ ବ୍ୟବହାର କରିପାରିବେ।







ଭାରତୀୟ ସାହିତ୍ୟରେ ଯେଉଁ କେତେଜଣ ସ୍ରଷ୍ଟା ନବ୍ୟ ଆନ୍ଦୋଳନର ସୂତ୍ରପାତ କରିଥିଲେ, ସେମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ। କନ୍ନଡ଼ ଭାଷାର ଷଷ୍ଠ ଲେଖକ ଭାବରେ ସେ ପାଇଥିଲେ ଭାରତର ସର୍ବୋଚ୍ଚ ତଥା ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର। ସେ ହେଉଛନ୍ତି ୟୁ.ଆର୍. ଅନନ୍ତମୂର୍ତ୍ତୀ...


# ନବ୍ୟ ଆନ୍ଦୋଳନର ସାରଥି











ତାଙ୍କୁ ଭାରତର ଜଣେ ଆଗଧାଡ଼ିର ଲେଖକ ଭାବରେ ପରିଗଣିତ କରାଯାଏ। ସେ ଜଣେ ଉଚ୍ଚକୋଟୀର ସାହିତ୍ୟ ସମାଲୋଚକ ମଧ୍ୟ। ଭାରତୀୟ ସାହିତ୍ୟରେ ଯେଉଁ କେତେଜଣ ସ୍ରଷ୍ଟା ନବ୍ୟ ଆନ୍ଦୋଳନର ସୂତ୍ରପାତ କରିଥିଲେ, ସେମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ। କନ୍ନଡ଼ ଭାଷାର ଷଷ୍ଠ ଲେଖକ ଭାବରେ ସେ ପାଇଥିଲେ ଭାରତର ସର୍ବୋଚ୍ଚ ତଥା ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର। ସେ ହେଉଛନ୍ତି ୟୁ.ଆର୍. ଅନନ୍ତମୂର୍ତ୍ତୀ। କେବଳ ଭାରତ ଭିତରେ ନୁହେଁ, ଭାରତ ବାହାରେ ମଧ୍ୟ ସେ ଅତ୍ୟନ୍ତ ପରିଚିତ ଥିଲେ।

**ପ୍ରାଥମିକ ଜୀବନ:** କର୍ନାଟକର ସିମୋଗା ଜିଲା ଅନ୍ତର୍ଗତ ତିର୍ଥାହାଲି ତାଲୁକ ଅଧୀନସ୍ଥ ମେଲିଗାଠାରେ ୧୯୩୨ ମସିହା ଡିସେମ୍ବର ୨୧ ତାରିଖରେ ଅନନ୍ତମୂର୍ତ୍ତିଙ୍କର ଜନ୍ମ ହୋଇଥିଲା। ସେ ଏକ ସଂସ୍କୃତ ବିଦ୍ୟାଳୟରେ ନିଜର ନାମ ଲେଖାଇଥିଲେ। ପରେପରେ ସେ ତିର୍ଥାହାଲି ଏବଂ ମହୀଶୂରରେ ଶିକ୍ଷା ଗ୍ରହଣ କରିଥିଲେ। ୟୁନିଭର୍ସିଟି ଅଫ୍ ମହୀଶୂରରେ ସେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ପୁଣି ସେଇଠାରେ ହିଁ ଇଂଲିଶ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ। କମନ୍‌ୱେଲ୍‌ଥ ସ୍କଲାରଶିପ୍ ପାଇ ସେ ବ୍ରିଟେନ୍ ଯାଇଥିଲେ। ୟୁନିଭର୍ସିଟି ଅଫ୍ ବର୍ମିଂହାମ୍‌ରୁ ତାଙ୍କୁ ଡକ୍ଟରେଟ୍ ଉପାଧି ମିଳିଥିଲା।

**ପ୍ରଫେସରରୁ କୁଳପତି:** ୧୯୭୦ ମସିହାରେ ଅନନ୍ତମୂର୍ତ୍ତି ମହୀଶୂର ବିଶ୍ୱ ବିଦ୍ୟାଳୟର ଇଂଲିଶ ବିଭାଗରେ ପ୍ରଫେସର ଭାବରେ ଯୋଗଦେଇଥିଲେ। ୧୯୮୭ରୁ ୧୯୯୧ ମଧ୍ୟରେ ସେ କେରଳର କୋଟ୍ଟାୟାମ୍‌ସ୍ଥିତ ମହାତ୍ମାଗାନ୍ଧୀ ୟୁନିଭର୍ସିଟିର କୁଳପତି ହୋଇଥିଲେ। ତାଙ୍କର ଉଜ୍ଜ୍ୱଳତମ ପ୍ରତିଭା ଯୋଗୁ ତାଙ୍କୁ ନ୍ୟାଶନାଲ ବୁକ୍ ଟ୍ରଷ୍ଟର ଅଧ୍ୟକ୍ଷ ପଦରେ ନିଯୁକ୍ତ କରାଯାଇଥିଲା। ୧୯୯୩ରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେ ଭାରତ ଏବଂ ଭାରତ ବାହାରର ବହୁ ବିଖ୍ୟାତ ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ। ୨୦୧୨ରେ ତାଙ୍କୁ ସେଣ୍ଟ୍ରାଲ୍ ୟୁନିଭର୍ସିଟି ଅଫ୍ କର୍ନାଟକର ପ୍ରଥମ କୁଳାଧିପତି ଭାବରେ ନିଯୁକ୍ତ କରାଯାଇଥିଲା। ସେ ଜଣେ ସୁବକ୍ତା ଥିଲେ। ତାଙ୍କର ବ୍ୟକ୍ତିଗତ ଜୀବନ ଥିଲା ଅତ୍ୟନ୍ତ ଶୃଙ୍ଖଳିତ।

**ଆଗଧାଡ଼ିର ଲେଖକ:** ଅନନ୍ତମୂର୍ତ୍ତି ଥିଲେ ଜଣେ ଆଗଧାଡ଼ିର ଲେଖକ। ତାଙ୍କ ସୃଷ୍ଟି ଥିଲା ତାଙ୍କ ହୃଦୟର ପ୍ରତିଫଳନ। ଏ କଥା ସେ ନିଜେ ସ୍ୱୀକାର କରିଥିଲେ। ଭାରତୀୟ ପରମ୍ପରା ଓ ପାଶ୍ଚାତ୍ୟ ଚିନ୍ତାଧାରାର ଏକ ମିଶ୍ରଣ ଥିଲା ତାଙ୍କ ସାହିତ୍ୟ। ସେଥିଲାଗି ତାଙ୍କର ଲେଖାସବୁ ପାଶ୍ଚାତ୍ୟ ଦେଶର ସାହିତ୍ୟାନୁରାଗୀଙ୍କୁ ମଧ୍ୟ ଆକୃଷ୍ଟ କରିପାରିଥିଲା। ଆଉ ସେ ଦେଶ ବିଦେଶର ବହୁ ମର୍ଯ୍ୟାଦାଜନକ ସମ୍ମାନ ହାସଲ କରିପାରିଥିଲେ। ଗଳ୍ପରୁ ଉପନ୍ୟାସ ଯାଏ ତାଙ୍କ ସାହିତ୍ୟ ଥିଲା ସୁଦୂରପ୍ରସାରୀ। ତାଙ୍କର ବହୁ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସକୁ ଚଳଚ୍ଚିତ୍ରରେ ରୂପାନ୍ତରିତ କରାଯାଇଛି। ମୁଖ୍ୟତଃ ମଣିଷର ମନସ୍ତାତ୍ତ୍ୱିକ ଆବେଗକୁ ନେଇ ସେ ଗଳ୍ପ ଉପନ୍ୟାସ ରଚନା କରୁଥିଲେ। ସେଥିଲାଗି ତାଙ୍କୁ ଜଣେ ମନସ୍ତାତ୍ତ୍ୱିକ ଲେଖକ ଭାବେ ବିବେଚନା କରାଯାଏ। ସୂରୟନା କୁଦୁରେ, ମୌନୀ ଏବଂ କାର୍ତ୍ତିକ ଆଦି ତାଙ୍କର ଗୋଟିଏ ଗୋଟିଏ ଅନବଦ୍ୟ ସୃଷ୍ଟି। ଅନନ୍ତମୂର୍ତ୍ତିଙ୍କ ପତ୍ନୀଙ୍କ ନାମ ଇସ୍ଥର। ତାଙ୍କ ସାହିତ୍ୟକୁ ଆଗକୁ ନେବାରେ ଇସ୍ଥରଙ୍କର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

**ସମାଲୋଚନା:** ଅନନ୍ତମୂର୍ତ୍ତି ଥିଲେ ଜଣେ ସ୍ୱଷ୍ଟବାଦୀ ମଣିଷ। ସେ ଅନେକ ସମୟରେ ତଥ୍ୟଭିତ୍ତିକ ସ୍ୱଷ୍ଟ କଥା କହୁଥିଲେ ମଧ୍ୟ ସେଥିଲାଗି ସେ ସମାଲୋଚିତ ହେଉଥିଲେ। ସେ ଏକଦା କହିଥିଲେ ଯେ, ପୂର୍ବକାଳରେ ହିନ୍ଦୁମାନେ ଗୋମାଂସ ଖାଉଥିଲେ। ମହାଭାରତରେ ଏ କଥାର ଉଦାହରଣ ରହିଛି। ତେବେ ଏହି ମନ୍ତବ୍ୟ ତାଙ୍କ ପାଇଁ ହାନିକର ସାବ୍ୟସ୍ତ ହୋଇଥିଲା। ସେ ହିନ୍ଦୁ ଧର୍ମଗୁରୁଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେହିଭଳି ଔପନ୍ୟାସିକ ଏସ୍.ଏଲ୍. ବିରାପ୍ପାଙ୍କୁ ସେ ତୀବ୍ର ସମାଲୋଚନା କରି କହିଥିଲେ ଯେ, ତାଙ୍କୁ ଉପନ୍ୟାସ ଲେଖିବା ଜଣାନାହିଁ। ଏହା ମଧ୍ୟ ତାଙ୍କୁ ସମାଲୋଚନାର ପରିଧି ଭିତରକୁ ଟାଣି ନେଇଥିଲା। ଏମିତି କି ସେ ଆଉ କୌଣସି ସାହିତ୍ୟ ଉତ୍ସବରେ ଯୋଗଦେବେ ନାହିଁ ବୋଲି ଘୋଷଣା କରି ଦେଇଥିଲେ।

**ବିଫଳ ରାଜନୈତିକ କ୍ୟାରିୟର:** ସାହିତ୍ୟ ତଥା ଅଧ୍ୟାପନା ବୃତ୍ତିରେ ସଫଳ ହୋଇଥିଲେ ମଧ୍ୟ ତାଙ୍କର ରାଜନୈତିକ କ୍ୟାରିୟର ଥିଲା ସମ୍ପୂର୍ଣ୍ଣ ବିଫଳ। ୨୦୦୪ରେ ଧର୍ମନିରପେକ୍ଷ ଜନତା ଦଳ ପକ୍ଷରୁ ତାଙ୍କୁ ଲୋକ ସଭା ପ୍ରାର୍ଥୀ ଭାବରେ ଚୟନ କରାଯାଇଥିଲା। ମାତ୍ର ସାଧାରଣ ଜନତା ସମ୍ଭବତଃ ତାଙ୍କୁ ଜଣେ ନେତା ଭାବେ ଦେଖିବାକୁ ଚାହୁଁ ନ ଥିଲେ। ସେଥିଲାଗି ସେ ନିର୍ବାଚନରେ ପରାଜୟ ବରଣ କରିଥିଲେ। ସେ ଭାରତୀୟ ଜନତା ପାର୍ଟିକୁ ଆଦୌ ବରଦାସ୍ତ କରୁ ନ ଥିଲେ। ୨୦୧୪ ଅଗଷ୍ଟ ୨୨ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

## ଶରଶଯ୍ୟାରେ ସୂର୍ଯ୍ୟ

–ଡ.ଫକୀର ମୋହନ ନାହାକ

ହେ ସୂର୍ଯ୍ୟ !
କାହିଁକି ତୁମର ଏ ଶରଶଯ୍ୟା ?
କାହାର ଶାଣିତ ଶର
ଶୀର୍ଣ୍ଣ କରିଛି
ତୁମ ରୌଦ୍ର କଳେବର ?

କେ ଅବା ଦେଇଛି ବାନ୍ଧି
ଗତିକୁ ତୁମର ।
ଶୀତଳ କରିଛି କିଏ
ତୁମ ପ୍ରଭାଦୀପ୍ତ କର ?

ହେ ଭାସ୍କର !
ତୁମ ଉଷ୍ମ ଅରୁଣର
ପ୍ରତିଟି ଅଣୁରେ
ପୂର୍ଣ୍ଣ ଥାଏ ପ୍ରାଣର ପ୍ରାଚୁର୍ଯ୍ୟ
ଯାହାର ବିକିରଣେ
ଉଦ୍‌ଭାସିତ ହୁଏ
ଦଶ ଦିଶ ସମସ୍ତ ସୌନ୍ଦର୍ଯ୍ୟ ।

ସର୍ବ ଶକ୍ତିମାନ ସୂର୍ଯ୍ୟ
ଶ୍ରୀହୀନ କାହିଁକି ଆଜି
ଶୀତର ଶରାଘାତେ
ତୁମର ଏ ରାଜ୍ୟ ?

ଆସ...ଆସ ତୁମେ
ନୂତନ ସକାଳେ
ନେଇ ତବ ନବ ଅବତାର
ଦୂର ହେଉ ଜଡତାର ଜରାରାତି
ଜଗତର ଯନ୍ତ୍ରଣା ଆବର ।

*–ଆସୋସିଏଟ୍ ପ୍ରଫେସର*
*ୟୁଆଇଏମ୍ଏସ୍*
*ଚଣ୍ଡୀଗଡ ୟୁନିଭର୍ସିଟି*
*ମୋହାଲି, ପଞ୍ଜାବ*

## ଚିଠି

–ବିଜୟ କୁମାର ପଣ୍ଡା

ଚିଠି,
କେବେ ପ୍ରୀତିର ବାହକ
କେବେ ଫୁଲର ମହକ
କେବେ ଫଗୁଣର ରଙ୍ଗ
କେବେ ମନର ବିହଙ୍ଗ ।
ଚିଠି,
କଥା ଦିଏ କଥା ନିଏ
ଭାବନାରେ ବାନ୍ଧି ଦିଏ
ବୁକୁ ତଳ କୋହ ବଖାଣି
ଅନେକ ଅକୁହା କାହାଣୀ ।
ଚିଠି,
ଯୋଡ଼େ ମନ ସହ ମନକୁ
ପ୍ରାଣ ସହ ପ୍ରାଣକୁ ।
ଚିଠି,
କେବେ ଆଣିଦିଏ ଶବ୍ଦ ବିରହର
କେବେ ସ୍ୱର ପ୍ରତାରଣାର
କିନ୍ତୁ..
ଏମିତି ବି ହୁଏ
ଚିଠିରେ ଚିଠିରେ
ଜୀବନର ଦର୍ଶନ ବଦଳି ଯାଏ ।

*–ସଫ୍ଟୱେର ପ୍ରଫେଶନାଲ, ଗବେଷକ,*
*ସବଙ୍ଗ, ସିମୁଳିଆ , ବାଲେଶ୍ୱର*

କ୍ଷୁଦ୍ର ଗଳ୍ପ

## ବୋଉ

–ଅଲେଖ ଚନ୍ଦ୍ର ମିଶ୍ର

ରାତି ପାହିଲେ ବୋଉର ଶ୍ରାଦ୍ଧ । ବନ୍ଧୁବାନ୍ଧବ, ସାହିପଡ଼ିଶା, ସହକର୍ମୀ ମିଶି ଅନ୍ତତଃ ହଜାରେ ଲୋକ ଖାଇବେ । ସେଥିପାଇଁ ଆବଶ୍ୟକୀୟ ଜିନିଷପତ୍ର ମିନିଟ୍ରକ୍‌ରେ ଭର୍ତ୍ତି କରି ବିଦା କରିଦେଲା ପରେ କାର୍ ପାଖକୁ ଆସୁଥିଲେ ମଧୁକର । ହଠାତ୍ ତାଙ୍କ କାନରେ ପଡ଼ିଲା ଏକ କରୁଣ ନିବେଦନ, ''ବାପାରେ ; କାଲିରାତିରୁ କିଛି ଖାଇନି । ଭୋକରେ ପେଟ ଜଳୁଛି । କିଛି ଖାଇବାକୁ ଦେଲେ ତୁମର ଧରମ ହୁଅନ୍ତା ।'' ''ନାଇଁ, ନାଇଁ, କିଛି ନାହିଁ ଯା...'' ନାସ୍ତିସୂଚକ ହାତ ହଲେଇ ତାକୁ ସଙ୍କେତ ଦେଲେ ମଧୁକର । ''ହଉରେ ବାପା ; ହେଲା । ଥିଲେ କ'ଣ ଦେଇ ନ ଥାନ୍ତୁ । କିଛି ନାହିଁ ବୋଲି ସିନା ! ହେଲେ ସେଥିପାଇଁ ମନଦୁଃଖ କରିବନି । ଭଗବାନ ତୁମର ମଙ୍ଗଳ କରନ୍ତୁ ।''

ଭିକାରୁଣୀଟି ନିଷ୍କ୍ରାନ୍ତ ହୋଇଗଲା । କିନ୍ତୁ ତା'ର କଥା କେଇପଦ ମଧୁକରଙ୍କର ହୃଦୟରେ ଗଭୀର ରେଖାପାତ କଲା । ଆଃ... ବିଚରା କେତେ ସରଳ ବିଶ୍ୱାସୀ ବୁଢ଼ୀଟିଏ । ତାଙ୍କ କଥାକୁ ସତ ମଣି ଖୁସିରେ ଚାଲିଗଲା । ସେ କାହୁଁ ଜାଣିବ ତାଙ୍କ ପକେଟ୍‌ରେ ହଜାର ହଜାର ଟଙ୍କା ଥାଇ ବି କେବଳ ଅବଜ୍ଞାରେ ହିଁ ସେ ମନା କରିଦେଲେ । ତାଙ୍କ ମନଟା କାହିଁକି ଗୋଳେଇ ଘାଣ୍ଟି ହେଲା । ସେ ତ ବେଶି କିଛି ମାଗୁ ନ ଥିଲା । ମାତ୍ର କିଛି ଖାଇବା ପାଇଁ... । ଚାହିଁଥିଲେ ସେ ତାକୁ ବହୁତ କିଛି ଖାଇବାକୁ ଦେଇପାରିଥାନ୍ତେ । ବିଚରା କେତେ ଖୁସି ହୋଇଥାନ୍ତା । ଅଥଚ..., କେମିତି ଏକ ଅହେତୁକ ଗ୍ଲାନି ଦେହମନକୁ ତାଙ୍କର ଅବଶ କରିଦେଉଥିଲା । ଲାଗୁଥିଲା ସେ ଯେପରି ଏକ ଅକ୍ଷମଣୀୟ ଅପରାଧ କରିଛନ୍ତି, ଯେଉଁଥିରୁ ମୁକ୍ତି ପାଇଁ ତାଙ୍କୁ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ । ଯେମିତି ହେଉ ବୁଢ଼ୀଟିକୁ ସେ କିଛି ଖାଇବାକୁ ଦେବେ ।

ତାକୁ ଖୋଜିବାକୁ ବାହାରିପଡ଼ିଲେ ମଧୁକର । ବଜାରରେ ବେଶି ଗହଳି ନାହିଁ । ସେ ହୁଏତ ଏଇଠି କେଉଁଠି ଭିକ ମାଗୁଥିବ । ତାକୁ ଖୋଜି ଖୋଜି ସାରା ବଜାର ବୁଲିଆସିଲେ । ସବୁଆଡ଼େ ତନ୍ନତନ୍ନ କରି ଖୋଜିଲେ । ଅନେକ ଲୋକଙ୍କୁ ପଚାରିଲେ । ହେଲେ କେଉଁଠି ତା'ର ସନ୍ଧାନ ମିଳିଲାନି । ମାତ୍ର ପାଞ୍ଚମିନିଟ୍‌ରେ ବୁଢ଼ୀଟି କୁଆଡ଼େ ଉଭାନ୍ ହୋଇଗଲା । ଶୂନ୍ୟରେ ଯେମିତି ମିଳେଇଗଲା । ତା'ର ଆକସ୍ମିକ ଆବିର୍ଭାବ ଓ ଅଚାନକ ଅନ୍ତର୍ଦ୍ଧାନ ତାଙ୍କୁ ରହସ୍ୟମୟ ଲାଗୁଥିଲା । ନିର୍ବାକ୍, ନିସ୍ପନ୍ଦ ହୋଇ ଅନୁତାପର ଦୀର୍ଘଶ୍ୱାସ ଛାଡୁଥିଲେ ମଧୁକର । ଯେତେ ଚେଷ୍ଟା କଲେ ବି ଭୁଲିପାରୁ ନ ଥିଲେ ବୋଉ ଭଳି ଦିଶୁଥିବା ବୁଢ଼ୀଟିର ପାଚିଲାବାଳ, ଶୁଖିଲା ମୁହଁ, ଲୋଚିତ ଚର୍ମ, ଅଧଚିରା ଲୁଗା, ଖାଲି ପାଦ ଆଉ ତା'ର କଥା କେଇ ପଦ । ଅଜାଣତରେ ତୁଣ୍ଡରୁ ତାଙ୍କର ବାହାରିପଡ଼ିଲା ; ''ବୋଉ'' !!



*–ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର,*
*ଭୁବନେଶ୍ୱର, ୟୁନିଟ-୪*

# ସମୟାନୁବର୍ତ୍ତୀ ଜାହ୍ନବୀ

ଜାହ୍ନବୀ କପୁରଙ୍କୁ ନେଇ ଏବେ ଚର୍ଚ୍ଚା । ଟାଇମିଂକୁ ନେଇ ସେ ବେଶ୍ ସଚେତନ । ଦେଖୁନାହାନ୍ତି ସେ କେମିତି ଶୁଟିଂ ସେଟ୍‌ରେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ପହଞ୍ଚି ଯାଉଛନ୍ତି । ବର୍ତ୍ତମାନ ସେ ଏକ ବାୟୋପିକ୍ ଫିଲ୍ମ 'କାରଗିଲ୍ ଗର୍ଲ'ର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି । 'ଏହି ଭୂମିକାଟି ହେଉଛି ମୋ ଡ୍ରିମ୍ ରୋଲ୍ । ବାକି ରହିଲା, ସମୟାନୁବର୍ତ୍ତିତା କଥା । ପ୍ରତ୍ୟେକ କଳାକାର ଏଥିପ୍ରତି ଦୃଷ୍ଟିଦେବା ଦରକାର । ଏହି ଭୂମିକା ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡୁଛି । କେବଳ ଫିଲ୍ମ ନୁହେଁ ମୋ ରୋଲ୍ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି ।' ୧୯୯୯ରେ ଭାରତ-ପାକିସ୍ତାନ ମଧ୍ୟରେ ସଂଘଟିତ କାରଗିଲ ଯୁଦ୍ଧରେ ଅଂଶଗ୍ରହଣ କରି ନିଜ ବୀରତ୍ୱର ପରିଚୟ ଦେଇଥିବା ଏୟାରଫୋର୍ସ କମ୍ୟାଟ ପାଇଲଟ୍ ଗୁଞ୍ଜନ୍ ସାକ୍ସେନାଙ୍କ ଜୀବନୀକୁ ନେଇ ଏହି ଚଳଚ୍ଚିତ୍ରଟି ନିର୍ମିତ ହେଉଛି । ସରନ୍ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ମାର୍ଚ୍ଚ ୧୩ରେ ରିଲିଜ ହେବାର ଯୋଜନା ରହିଛି ।



ଜାହ୍ନବୀ

## ଇନ୍ଦ୍ରଜାଲ

ମଣିଷ ଜୀବନରେ ଅନେକ ଘଟଣା ଘଟିଥାଏ । ବେଳେବେଳେ ସେହି ଘଟଣା ମଧ୍ୟରୁ କେତେକ ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରେ । ଆଉ ତାହାର ଆଶାତୀତ ଦଣ୍ଡ ଭୋଗିବାକୁ ମଧ୍ୟ ପଡିଥାଏ । ସେପରି ଏକ ରହସ୍ୟମୟ କାହାଣୀକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଇନ୍ଦ୍ରଜାଲ' । ଆର.ଆର. ଇଭେଣ୍ଟ୍ସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ପ୍ରଯୋଜକ ରମେଶ ବାରିକ । ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ପିନୁ ନାୟକ । ଅପରପକ୍ଷରେ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ । ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର । ଏ ସମ୍ପର୍କରେ ପ୍ରଯୋଜକ ରମେଶ କହନ୍ତି, 'ଇନ୍ଦ୍ରଜାଲର କାହାଣୀରେ ରହସ୍ୟ ଭରି ରହିଛି । ସବୁବେଳେ ମୁଁ ଭିନ୍ନ ଭିନ୍ନ କାହାଣୀକୁ ନେଇ ସିନେମା ନିର୍ମାଣ କରିଥାଏ । ଏହି ଫିଲ୍ମରେ ଦର୍ଶକ ଡିଫରେଣ୍ଟ ଚାର୍ମ ପାଇବେ ବୋଲି ଆଶା ରଖିଛି ।' 'ଇନ୍ଦ୍ରଜାଲ'ର ମୁଖ୍ୟ ଭୂମିକାରେ ସମ୍ବିତ ଆଚାର୍ଯ୍ୟ ଅଭିନୟ କରୁଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଦେବଯାନୀ । ଅନ୍ୟପକ୍ଷରେ ପ୍ରଦ୍ୟୁମ୍ନ ଲେଙ୍କା, ଟୋପି ମିଶ୍ର, ସୁଜିତ ପାଇକରାୟ, ମୁନ୍‌ମୁନ୍, ବନ୍ଦନା, ରାଜଲକ୍ଷ୍ମୀ, ମାନସ, କମଲ ଏବଂ ପୃଥ୍ୱୀରାଜ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ।



ସମ୍ବିତ୍ –ଦେବଯାନୀ

## ଅବସର ମିଳିଲେ...

ଜ୍ୟାକଲିନ୍ ଫର୍ନାଡିସ୍‌ଙ୍କୁ ଅବସର ମିଳିଲେ ସେ କ'ଣ କରନ୍ତି ? ସମୟ ପାଇବା ମାତ୍ରେ ସେ ସିଧା କିଚେନ୍‌କୁ ଏଣ୍ଟ୍ରି କରନ୍ତି ଏବଂ ମନ ପସନ୍ଦ ଖାଦ୍ୟ ପ୍ରସ୍ତୁତ କରନ୍ତି । କାରଣ ତାଙ୍କୁ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିବାକୁ ଭଲ ଲାଗେ । ତା' ସହ ମନଲୋଭା ଖାଦ୍ୟ ଖାଇବାକୁ ଇଚ୍ଛା ହେଲେ ସେ ନିଜେ ତିଆରି କରି ଖାଇଥାଆନ୍ତି । ଆକ୍ଟିଂ ଲାଇନ୍‌କୁ ଆସିବା ପୂର୍ବରୁ ଜ୍ୟାକଲିନ୍ ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିବା ସହ ଜଣେ ଟିଭି ରିପୋର୍ଟର ଭାବରେ କିଛିଦିନ କାମ କରିଥିଲେ । ବେଶ୍ କେତୋଟି ବିଦେଶୀ ଭାଷା ଉପରେ ତାଙ୍କର ଦକ୍ଷତା ରହିଛି । ସକାଳୁ ଉଠିବା ମାତ୍ରେ ସେ ପ୍ରତିଦିନ ଏକ୍ସରସାଇଜ କରିବାକୁ ଭୁଲି ନ ଥାନ୍ତି । ସେ ମାର୍ଶଲ ଆର୍ଟ ଶିଖିଛନ୍ତି । ତା' ସହ ପ୍ରତିଦିନ ସେ କିଛି ସମୟ ଯୋଗ, ପ୍ରାଣାୟାମ କରିଥାଆନ୍ତି । ମ୍ୟୁଜିକ ଭିଡିଓରୁ ତାଙ୍କର କ୍ୟାରିୟର ଆରମ୍ଭ ହୋଇଥିଲା ।



ଜ୍ୟାକଲିନ୍

## କବିତା ମାୟାରେ ସାରା


ସାରା ଅଲ୍ଲୀ ଖାଁଙ୍କୁ ଏବେ ଗୋଟିଏ ନିଶା ଜୋର୍‌ରେ ଘାରିଛି । ସମୟ ମିଳିବା ମାତ୍ରେ ସେ ଏହି କାମରେ ନିଜକୁ ନିୟୋଜିତ ରଖୁଛନ୍ତି । ତାହା କ'ଣ ଜାଣନ୍ତି ? କବିତା ଲେଖିବା । ନିକଟରେ ସେ ସ୍ୱରଚିତ କେତୋଟି କବିତା ନିଜ ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି । ପୁଣି ସେହି କବିତାଗୁଡିକ ବେଶ୍ ଭାଇରାଲ ମଧ୍ୟ ହୋଇଛି । କେବଳ କବିତା ନୁହେଁ, ମା' ଅମ୍ରିତା ସିଂଙ୍କ ଫଟୋକୁ କବିତା ସହ ଶେୟାର କରିଛନ୍ତି । ଏ ସମ୍ପର୍କରେ ସାରା କହନ୍ତି, ମୋ କ୍ୟାରିୟରକୁ ଆଗେଇ ନେବାରେ ମୋ ମା'ଙ୍କ ଅବଦାନ ଅନେକ ରହିଛି । ସେ ମୋ ପାଇଁ ପ୍ରେରଣାର ଉତ୍ସ ଆଉ ଗାଇଡ୍ । ତାଙ୍କର ଟିପ୍ସକୁ ମୁଁ ସବୁବେଳେ ଫଲୋ କରିଥାଏ । ତାଙ୍କ ପାଇଁ କବିତା ଦୁଇ ପଦ ଲେଖିଛି । ଅବଶ୍ୟ କବିତା ଲେଖିବା ମୋର ହବି ନୁହେଁ । ହେଲେ ଏବେ କେଇ ଧାଡି କବିତା ଲେଖିବା ପରେ ମୋତେ ଲାଗୁଛି ମୁଁ ଯେମିତି କବିତା ମାୟାରେ ପଡିଯାଇଛି ।' ସାରାଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା 'କେଦାରନାଥ' । ତା'ପରେ ସେ ରୋହିତ ସେଟ୍ଟୀଙ୍କ ନିର୍ଦ୍ଦେଶିତ 'ଶିମ୍ବା'ରେ ରଣବୀର ସିଂଙ୍କ ସହ ଅଭିନୟ କରିଥିଲେ । ବର୍ତ୍ତମାନ ବରୁଣ ଧାୱନଙ୍କ ସହ ସେ 'କୁଲି ନଂ ୧'ର ରିମେକ୍ ଏବଂ ଇମତିୟାଜ ଅଲ୍ଲୀଙ୍କ 'ଲଭ୍ ଆଜ୍ କଲ୍-୨'ରେ ଆକ୍ଟିଂ କରୁଛନ୍ତି ।



ସାରା

## ଏ ମନ ଖୋଜୁଥାଏ ଯାହା

ସତରେ, ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା । ଦିନଥିଲା ବଲିଉଡ୍ ଅନ୍ୟତମ ଆକ୍ସନ ଷ୍ଟାର ଭାବରେ ତାଙ୍କୁ ଗଣନା କରାଯାଉଥିଲା । ହେଲେ ପରବର୍ତ୍ତୀ ସମୟରେ ସେ କମେଡି ରୋଲ୍‌ରେ ନିଜର ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଥିଲେ । କିଛିବର୍ଷ ଭିତରେ ସେ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ପରିଚିତ କରାଇପାରିଛନ୍ତି । କେବଳ ସେତିକି ନୁହେଁ, ତାଙ୍କ ଅଭିନୀତ ପ୍ରାୟ ପ୍ରତ୍ୟେକ ଫିଲ୍ମ ବକ୍ସ ଅଫିସରେ ଆଶାତୀତ ବିଜ୍‌ନେସ କରୁଛି । ହଁ, ସେ ହେଲେ ଅକ୍ଷୟ କୁମାର । ନିକଟରେ ରିଲିଜ ହୋଇଥିବା 'ଗୁଡ୍ ନ୍ୟୁଜ୍'କୁ ମଧ୍ୟ ଭଲ ଓପନିଂ ରେସ୍‌ପନ୍ସ ମିଳିଛି । ଖାସ୍ କଥା ହେଲା, ୨୦୧୭, ୨୦୧୮ ଏବଂ ୨୦୧୯ରେ ତାଙ୍କ ଅଭିନୀତ ପ୍ରତ୍ୟେକ ଫିଲ୍ମ ୧୦୦କୋଟି କ୍ଲବରେ ସାମିଲ ହୋଇଛି । ଏ ନେଇ ଅକ୍ଷୟ କହନ୍ତି, ''ମୋ ସିନେମା କିପରି ଦର୍ଶକଙ୍କ ମନକୁ ଛୁଇଁପାରିବ ସେଥିପାଇଁ ବେଶ୍ ପୂର୍ବରୁ ପ୍ଲାନିଂ କରିଥାଏ । ମୁଁ ଅଭିନୟ କରିଥିବା ଏବଂ କରୁଥିବା ସିନେମାରେ ମୋ ରୋଲ୍‌କୁ ନେଇ ବେଶ୍ ସିରିୟସ ଥାଏ । ଦର୍ଶକ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ତାହାର ଋଣ ମୁଁ କଦାପି ଶୁଝିପାରିବି ନାହିଁ ।'' ବର୍ତ୍ତମାନ ବିଭିନ୍ନ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେଉଥିବା 'ଗୁଡ୍‌ନ୍ୟୁଜ୍'ରେ ଅକ୍ଷୟଙ୍କ ଅପୋଜିଟ୍‌ରେ କରୀନା କପୁର ଅଭିନୟ କରିଛନ୍ତି ।



ଅକ୍ଷୟ କୁମାର

# ମନ ହରିଣୀର ଚୋରା ଚାହାଣି, ତହିଁରେ ରହିଛି ପ୍ରେମ କାହାଣୀ

**ପ୍ରଶ୍ନ**–ସେହି ସୁନ୍ଦରୀର ଚାହାଣି ମୋତେ ଘାଇଲା କରିଛି। ତାକୁ ପ୍ରେମ ନିବେଦନ କରିବି ବୋଲି ଭାବୁଛି। ହେଲେ ସାହସ ହେଉନାହିଁ। କ'ଣ କରିବି ?

*–ଅମରଜିତ ସାହୁ, ଢେଙ୍କାନାଳ*

**ଉତ୍ତର:** ପ୍ରଥମେ ମନରେ ସାହସ ଜୁଟାନ୍ତୁ। ଯଦି ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ପଛକୁ ଚାହାନ୍ତୁ ନାହିଁ। ସେହି ସୁନ୍ଦରୀ ଚାହାଣିରେ ଯଦି ପ୍ରେମର ଇସାରା ପାଉଛନ୍ତି ତେବେ ଡେରି କଲେ ହୁଏତ ଗଡବଡ ହୋଇଯାଇପାରେ। କାରଣ 'ମନ ହରିଣୀର ଚୋରା ଚାହାଣି, ତହିଁରେ ରହିଛି ପ୍ରେମ କାହାଣୀ'। ତେଣୁ ଶୁଭସ୍ୟ ଶୀଘ୍ରମ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ**–କାହା ପାଇଁ ହସ ସିଏ କାହାପାଇଁ ବିଷ। ପ୍ରେମିକାର ହସରେ ବିଷ ଥାଏ କାହିଁକି ?

*–ତପନ ରାଉତ, ରାଉରକେଲା*




**ଉତ୍ତର:** ପ୍ରେମିକାର ହସକୁ ଥରେ ଭଲ ଭାବରେ ପଢ଼ି ନିଅନ୍ତୁ ନା ! ଯଦି ତାକୁ ଠିକ୍ ଭାବରେ ନ ପରଖି ପ୍ରେମ ମାୟାରେ ଭାସି ଗଲେ ତେବେ ଅଧାବାଟରେ ଥଳକୂଳ ପାଇବେ ନାହିଁ। ଆଉ ସେଠାରେ ରହି ପ୍ରେମିକାର ହସକୁ ଦୋଷ ଦେଲେ ଲାଭ କ'ଣ କହୁନାହାନ୍ତି ? ତେଣୁ ସେହି ହସକୁ ଆଧାର କରି ପ୍ରେମ କରିବା ପୂର୍ବରୁ ହସକୁ ତର୍ଜମା କରି ନିଅନ୍ତୁ। କାରଣ ସବୁ ଚକଚକ କରୁଥିବା ଜିନିଷ ସୁନା ନୁହେଁ।

**ପ୍ରଶ୍ନ**–ଚୋରା ପୀରତି କ୍ଷଣସ୍ଥାୟୀ। ହେଲେ ସେହି ମାୟାରୁ ମୁଁ ମୁକୁଳି ପାରୁନାହିଁ। କ'ଣ କରିବି ?

*–ଶ୍ରୀକାନ୍ତ, କଟକ*

**ଉତ୍ତର:**କଥାରେ ଅଛି–ଆପଣା ହସ୍ତେ ଜିହ୍ୱା ଛେଦି କେ ତା'ର ଅଛି ପ୍ରତିବାଦୀ। ଆପଣ ଜାଣୁଛନ୍ତି ଚୋରା ପୀରତି ଭାରି ଡେଞ୍ଜର। ହେଲେ ଜାଣିଶୁଣି ସେହି ନିଆଁକୁ ଅଣ୍ଟିରେ ପୂରାଉଛନ୍ତି। ପ୍ରଥମେ ଏପରି ମାନସିକତାରୁ ନିଜକୁ ମୁକ୍ତ କରନ୍ତୁ। କାରଣ ଚୋରା ପୀରତି କ୍ଷଣିକ ଆନନ୍ଦ ଦେଇପାରେ। ହେଲେ ଯେତେବେଳେ ଏହି ନିଶା ଖସି ପଡେ ସେତେବେଳେ ପ୍ରେମ ସମ୍ପୂର୍ଣ୍ଣ ପିତା ଲାଗିଥାଏ। ତେଣୁ ଏମିତି ପ୍ରେମ କରନ୍ତୁ, ଯାହାର ମଜା ସାରା ଜୀବନ ଅନୁଭବ କରୁଥିବେ।

**ପ୍ରଶ୍ନ**–ପ୍ରଥମ ଦେଖାରେ ସେ ମୋତେ ପ୍ରେମ କରିଥିଲା। ହେଲେ ଏବେ ତା' ଆଚାର ବ୍ୟବହାରରୁ ମୋତେ ଲାଗୁଛି ସେଦିନର ପ୍ରେମ ଏବେ ଆଉ ନାହିଁ। ତେଣୁ ସେଭଳି ପ୍ରେମିକା ସହ ଆଗକୁ ଆଗେଇବା ଠିକ୍ ହେବ କି ?

*–ତୋଫାନ କୁମାର ସାହୁ, ନୟାଗଡ*

**ଉତ୍ତର:**ଯଦି ଏବେ ଆପଣଙ୍କ ପ୍ରେମର ପାଣିପାଗ ଠିକ୍ ଲାଗୁନି ତେବେ ତାକୁ ନେଇ ସକ୍‌ସେସ ହେବାର ସ୍ୱପ୍ନ ଦେଖିବା କେତେଦୂର ଠିକ୍ ନିଜେ ଥରେ ଚିନ୍ତା କରନ୍ତୁ। ଯଦି ଭାବୁଛନ୍ତି ଯେ ଆଉ ସେହି ପ୍ରେମରେ ବାସ୍ନା ନାହିଁ ତେବେ ଆଉ ଡେରି କରୁଛନ୍ତି କାହିଁକି ? ସେଭଳି ରଙ୍ଗହୀନ ପ୍ରେମକୁ ନେଇ ଆଗେଇବା ଅପେକ୍ଷା ଚ୍ୟାନେଲ ବଦଳାଇ ଦିଅନ୍ତୁ ନା !

**ପ୍ରଶ୍ନ**–ମୋତେ ଏକାଥରେ ଦୁଇ ଜଣ ସୁନ୍ଦରୀ ଲଭ୍ କରୁଛନ୍ତି। କାହାକୁ ମୁଁ ମନା କରିବି ଜାଣିପାରୁନି।

*–ଦେବ୍, ପୁରୀ*

**ଉତ୍ତର:** ବେଳ ଥାଉ ଥାଉ ବାଟ କାଟନ୍ତୁ। ପ୍ରେମ କରିବା ସମୟରେ ଗୋଟିଏ କଥା ମନେ ରଖନ୍ତୁ– ଏହି ସମୟରେ କଦାପି ଦୁଇ ନାଆରେ ଗୋଡ ଦେବେ ନାହିଁ। ତେଣୁ ଯଦି ସମୟ ଅଛି ତେବେ ଏପରି ପ୍ରେମର ପର୍‌ମାନେଣ୍ଟ ଫାଇନାଲ କରନ୍ତୁ। ପ୍ରେମ କରିବା ବେଳେ 'ମନ ଏକ, ପ୍ରେମିକା ଏକ' ପଲିସି ଫଲୋ କରନ୍ତୁ। ତେଣୁ ଯେତେଶୀଘ୍ର ଆପଣଙ୍କର ଏପରି ପ୍ରେମକୁ ନେଇ ଶେଷ ନିଷ୍ପତ୍ତି ନିଅନ୍ତୁ। ନ ହେଲେ ନେଡି ଗୁଡ କହୁଣିକୁ ବୋହି ଗଲେ ଆପଣଙ୍କ ଆଖିରୁ ଲୁହ ପୋଛିବାକୁ କେହି ନ ଥିବେ।


## ପ୍ରଥମ ରୋଜଗାର



### ପ୍ରଥମ ଦରମାରେ ପୁସ୍ତକ କିଣିଥିଲି

**କବି, ଗାଳ୍ପିକ ତଥା ସ୍ତମ୍ଭକାର ଶରତ କୁମାର ଦାସ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଅବିଭକ୍ତ କଟକ ବର୍ତ୍ତମାନର ଯାଜପୁର ଜିଲା ଅନ୍ତର୍ଗତ ବାଇଁଶିରିଆ ଗ୍ରାମପଞ୍ଚାୟତର ବାଲିଆପାଳ ଗାଁରେ ମୋ ଜନ୍ମ। ବାପାଙ୍କର ବଦଳି ଚାକିରି ଥିବାରୁ ପିଲାଦିନେ ଭିନ୍ନ ଭିନ୍ନ ସହରରେ ରହି ମୁଁ ପାଠ ପଢୁଥିଲି। ତେବେ ଅଷ୍ଟମରୁ ଏକାଦଶ ଯାଏ ଜେଜେବାପା ଓ ଜେଜେମା'ଙ୍କ ପାଖରେ ରହି ଆମ ଗାଁ ହାଇସ୍କୁଲ୍ ବିଧାନଚନ୍ଦ୍ର ଏକାଡେମୀରେ ପଢିଥିଲି। ନବମ ଶ୍ରେଣୀରେ ପଢିବା ବେଳୁ କବିତା ଓ ନାଟକ ଲେଖିବା ଆରମ୍ଭ କରିଦେଇଥିଲି। ସେହି ସମୟରେ ମୋ ଲିଖିତ ଗୋଟିଏ ନାଟକ 'ଅନୁତାପ' ମୋ ସମବୟସ୍କଙ୍କ ସହ ମଞ୍ଚସ୍ଥ କରିଥିଲି। ଅବଶ୍ୟ ଗାଁର ପୁରୁଣା କଳାକାରମାନେ ମୋତେ ଏଥିରେ ସହଯୋଗ କରିଥିଲେ। ତେବେ ବୟସ ବଢିବା ସଙ୍ଗେ ସଙ୍ଗେ ନାଟକଠୁ ଦୂରେଇ ଯାଇ ମୁଁ କବିତା ଓ ଗଳ୍ପ ମନସ୍କ ହୋଇ ଉଠିଲି। ମାଟ୍ରିକ୍ ପରେ ବ୍ରହ୍ମପୁରର ଖଲ୍ଲିକୋଟ୍ କଲେଜରେ ଆଇ.ଏ. ପଢିଥିଲି। ସେତେବେଳକୁ ରୀତିମତ ଭାବେ କବିତା ଲେଖା ଆରମ୍ଭ କରି ଦେଇଥିଲି ଓ କଲେଜ ମାଗାଜିନ୍‌ରେ ବରାବର ମୋ ଲେଖା ପ୍ରକାଶ ପାଉଥିଲା। ସେହି କଲେଜରେ ରାଜନୀତି ବିଜ୍ଞାନ ଅନର୍ସ ନେଇ ବି.ଏ. ପଢିଲା ବେଳକୁ ମୁଁ କବିତା କ୍ଷେତ୍ରରେ ସାମାନ୍ୟ ପରିପକ୍ୱ ହୋଇଯାଇଥିଲି। ସହରରେ ଅନୁଷ୍ଠିତ ବିଭିନ୍ନ ସାହିତ୍ୟ ଆସରରେ ଭାଗ ନେଇ କବିତା ଆବୃତ୍ତି ବି କରୁଥିଲି। ଧୀରେ ଧୀରେ ସାହିତ୍ୟର ବିଭିନ୍ନ ଦିଗ ପ୍ରତି ମୋର ରୁଚି ବଢି ଚାଲିଲା। ବି.ଏ. ପାସ୍ କଲାପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପିଜି କଲି। ଏହି ସମୟରେ ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଗାରରୁ ଅନେକ ଉପାଦେୟ ଓଡିଆ ପୁସ୍ତକ ପାଠ କରିବାର ସୁଯୋଗ ମୋତେ ମିଳିଲା। ଅନେକ ଓଡ଼ିଆ ସଂଭ୍ରାନ୍ତ ପତ୍ରପତ୍ରିକାରୁ ଘଣ୍ଟା ଘଣ୍ଟା ଧରି କବିତା, ଗଳ୍ପ ପଠନ କରୁଥିଲି, ଯାହା କି ପରବର୍ତ୍ତୀ ସମୟରେ ମୋ ଲେଖକୀୟ ଜୀବନରେ ଗଭୀର ରେଖାପାତ କରିଥିଲା। ବାସ୍ତବରେ ସେ ଦୁଇ ବର୍ଷର ଅନୁଭୂତି ଥିଲା ମୋ ପାଇଁ ଖୁବ୍ ନିଆରା। ଏମ୍.ଏ. ପାସ୍ କଲାପରେ ମୁଁ ଚାଲିଯାଇଥିଲି ଦିଲ୍ଲୀ ଏମ୍‌ବିଏ କରିବା ପାଇଁ। ଭାରତୀୟ ବିଦ୍ୟାଭବନ ଦ୍ୱାରା ପରିଚାଳିତ ଫରିଦାବାଦ୍ ପ୍ରଡକ୍ଟିଭ୍ କାଉନ୍‌ସିଲ୍‌ରେ ଏମ୍‌ବିଏ କରି ମୁଁ ଫେରିଥିଲି ବ୍ରହ୍ମପୁର। ବାସ୍ତବରେ ସେ ସମୟଟା ଥିଲା ମୋ ପାଇଁ ଘଡିସନ୍ଧିର ମୁହୂର୍ତ୍ତ। ରାଜନୀତି ବିଜ୍ଞାନରେ ଏମ୍.ଫିଲ୍ କରି କୌଣସି କଲେଜରେ ଅଧ୍ୟାପକ ହେବି ନା ଏମ୍‌ବିଏ କରିଥିବାରୁ କୌଣସି କର୍ପୋରେଟ୍ ସେକ୍ଟରରେ ଜଏନ୍ କରିବି, ଏ ନେଇ ଦ୍ୱନ୍ଦ୍ୱରେ ପଡିଯାଇଥିଲି। ତେବେ ସବୁ ଆଶାର ଅବସାନ ଘଟାଇ ଗଞ୍ଜାମ କଲେଜରେ ରାଜନୀତି ବିଜ୍ଞାନରେ ଅଧ୍ୟାପକ ଭାବେ ଯୋଗଦେଇଥିଲି। ଅଧ୍ୟାପକ ଜୀବନର ପ୍ରଥମ ମାସ ରୋଜଗାରରେ ମୁଁ ମୋର ସବୁଠୁ ପ୍ରିୟ ପୁସ୍ତକ ପରମହଂସ ଯୋଗାନନ୍ଦଙ୍କର 'ଯୋଗୀର ଆତ୍ମଚରିତ' ପୁସ୍ତକଟି କିଣିଥିଲି। ତା'ସହିତ ମୋର ପ୍ରିୟ କବି ସଚ୍ଚି ରାଉତରାୟଙ୍କର 'ପାଣ୍ଡୁଲିପି', 'ମଶାଣିର ଫୁଲ', ଗୁରୁପ୍ରସାଦ ମହାନ୍ତିଙ୍କର 'ସମୁଦ୍ର ସ୍ନାନ', ବାରିଷ୍ଟର ଗୋବିନ୍ଦ ଦାସଙ୍କର 'ଅମାବାସ୍ୟାର ଚନ୍ଦ୍ର', ରମାକାନ୍ତ ରଥଙ୍କର 'ଶ୍ରୀରାଧା' ଓ ଏମିତି ଆଉ କିଛି ଉପାଦେୟ ପୁସ୍ତକ ବି କିଣିଥିଲି। ବାକି ଯାହା ଟଙ୍କା ବଳିଥିଲା ତାକୁ ବାପାଙ୍କ ହାତକୁ ବଢେଇ ଦେଇଥିଲି। ଆଜି ବି ସେ ପୁସ୍ତକଗୁଡ଼ିକ ସାଇତା ସମ୍ପତ୍ତି ହିସାବରେ ମୋ ଆଲମିରାରେ ଶୋଭା ପାଉଛି। ଅଧ୍ୟାପକ ଜୀବନର ବର୍ଷକ ପରେ ମୁଁ ହଠାତ୍ ମନ ବଦଳେଇ ଚାକିରି ଛାଡି ବମ୍ବେ ଚାଲି ଯାଇଥିଲି। ସେଠାରେ 'ଉଇମ୍ପ୍ରୀ' ନାମକ ଏକ କର୍ପୋରେଟ୍ ସେକ୍ଟରରେ ରିସର୍ଚ୍ଚ ଏକ୍‌ଜିକ୍ୟୁଟିଭ୍ ହିସାବରେ ମୋଟା ଅଙ୍କର ବେତନରେ ଜଏନ୍ କରିଥିଲି। ସେବେଠାରୁ ମାର୍କେଟିଂ ଲାଇନ୍‌ରେ ବିଭିନ୍ନ ପଦପଦବୀରେ ମୁଁ କାମ କରି ଆସୁଛି। କାର୍ଯ୍ୟବ୍ୟସ୍ତତା ଓ ପାରିବାରିକ ଜଞ୍ଜାଳ ଭିତରେ ବି ସାହିତ୍ୟ ପ୍ରତି ମୋର ଅନୁରାଗ ତିଳେମାତ୍ର କମି ନାହିଁ। ଯେଉଁଥିପାଇଁ ନିୟମିତ ଭାବେ ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜରେ ମୋର କବିତା,ଗଳ୍ପ ଓ ସ୍ତମ୍ଭ ପ୍ରକାଶ ପାଉଛି। ତା'ସହିତ ୟା'ଭିତରେ ଗୋଟିଏ କବିତା ସଂକଳନ 'ଚାରୁଲତା ଓ ଅନ୍ୟାନ୍ୟ କବିତା' ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ଅନୁଦାନରେ ପ୍ରକାଶିତ ଏକ ଗଳ୍ପ ସଂକଳନ 'ଭାଙ୍ଗି ପଡୁଥିବା ଆକାଶ' ପ୍ରକାଶ ପାଇସାରିଛି। ଏପରି କି ତିନୋଟି ପୁସ୍ତକ ମଧ୍ୟ ପ୍ରକାଶ ଅପେକ୍ଷାରେ ଅଛି। ତେବେ ବର୍ତ୍ତମାନ ମୁଁ ବ୍ରହ୍ମପୁରଠାରେ ଅବସ୍ଥାନ କରି ଚାକିରି ଜୀବନ ସହ ମୋର ସାରସ୍ୱତ ସାଧନା ଜାରି ରଖିଛି ଆଉ ଆଶା କରୁଛି ଆଗାମୀ ଦିନରେ ବି ଏହି ଧାରା ମୋର ଏମିତି ଚାଲିଥିବ।







# ଚା'ର ମଜା ବଢ଼ାଇବ ଏହି ଟି'ପଟ୍

**ଶୀତଦିନ ସକାଳେ ଚା' ପିଇବାର ମଜା ଅଲଗା। ଆଉ ଯଦି ଟି' ଆସେସରିଜ୍ ଖାସ୍ ହୋଇଥାଏ ତେବେ ସୌଖୀନରେ ବସି ଚା' ପିଇବାରେ ଯେଉଁ ନିଆରା ଅନୁଭୂତି ମିଳିବ ତାହା ହୋଇଯିବ ଅବର୍ଣ୍ଣନୀୟ। ଠିକ୍ ଯେମିତି ଏହି ସବୁ ଟି'ପଟ୍। ଏଗୁଡିକ ଯେମିତି ଅଜବ ସେମିତି ଆକର୍ଷକ ଓ ସ୍ୱତନ୍ତ୍ର। ତେଣୁ ଏଥିରୁ ଚା' ଢାଳି ପିଇବାର ମଜା କିଏ ବା ନ ନେବାକୁ ଚାହିଁବେ...**

**ଅକ୍ଟୋପସ୍ ଟି'ପଟ୍–** ଆଠଟି ଗୋଡ ଥିବା ଅକ୍ଟୋପସ୍ ଏକ ଅଜବ ପ୍ରାଣୀ ଅଟେ। ତେଣୁ ଏହି ଡିଜାଇନ୍‌ର ଟି'ପଟ୍ ବି ବହୁତ ଅଜବ ସହ ୟୁନିକ୍ ଲାଗେ। ଏହାର ଗୋଡକୁ କେବେ ଟି'ପଟ୍‌ର ହ୍ୟାଣ୍ଡେଲ ତ କେବେ କଭରଭାବେ ବ୍ୟବହାର କରାଯାଇଥାଏ।

**ଅଜବ ଟି' ପଟ୍–** ସାଲ୍‌ଭାଡର୍ ଦାଲି ହେଉଛନ୍ତି ଜଣେ ସ୍ପେନୀୟ ଲେଖକ,ଚିତ୍ରକର, ଡିଜାଇନର୍ ଓ ଚଳଚ୍ଚିତ୍ର ନିର୍ମାତା। ସେ ତାଙ୍କର ଅଜବ ପେଣ୍ଟିଂ ଓ ଆର୍ଟ ଷ୍ଟାଇଲ୍ ପାଇଁ ବେଶ୍ ପରିଚିତ। ତେବେ ତାଙ୍କ ଟି'ପଟ୍ ଡିଜାଇନ୍‌ଗୁଡିକ ବହୁତ ଚର୍ଚ୍ଚିତ। ସେଗୁଡିକ ବହୁତ ଅଜବ। ସାଧାରଣ ଟି'ପଟ୍‌ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏସବୁକୁ ଦେଖିଲେ ତ ପ୍ରଥମ ନଜରରେ ଜାଣି ହେବନି ଏହା ଟି'ପଟ୍ ବୋଲି। ଆଉ ତା ଭିତରେ ଏତେ ସୃଜନଶୀଳତା ଭରିରହିଥାଏ ଯେ, ଦେଖଣାହାରୀଙ୍କ ନଜର ତା'ଠୁ ହଟି ନ ଥାଏ।

**ମର୍ଲିନ ମୋନରୋ ଟି'ପଟ୍–** ଈଷତ୍ ଧଳାରଙ୍ଗର ଏହି ଟି'ପଟ୍‌ର ଡିଜାଇନ୍ ବହୁତ ସିମ୍ପଲ୍। ହେଲେ ଏଥିରେ ଥିବା ଗୋଟିଏ ବିଶେଷତ୍ୱକୁ ଦେଖିଲେ ମନେପଡିଯିବ ମର୍ଲିନ୍ ମୋନରୋଙ୍କ କଥା। ସେ ହେଉଛି ଲାଲରଙ୍ଗର ଆକର୍ଷକ ଓଠ ସାଙ୍ଗକୁ ପାର୍ଶ୍ୱରେ ଥିବା ସୁନ୍ଦର କଳାଜାଇ। ସେଥିପାଇଁ ଏହାକୁ ମର୍ଲିନ ମୋନରୋ ଟି'ପଟ୍ କୁହାଯାଉଛି।

**ଆର୍ଟିଷ୍ଟିକ୍ ଟି'ପଟ୍–** ଏହି ଟି'ପଟ୍ ଚିତ୍ରକଳାକୁ ଆଧାର କରି କରାଯାଇଛି। ତେଣୁ ଏଥିରେ ପେଣ୍ଟ ବ୍ରଶ୍, କଲର୍ ଆଦିର ଝଲକ ଦେଖିବାକୁ ମିଳେ। ଏଥିରେ ଗୋଟିଏ ଟି'ପଟ୍ ତ ଦେଖିବାକୁ ସମ୍ପୂର୍ଣ୍ଣଭାବେ କଲର୍ ବ୍ରଶ ଭଳି।

**ମେଶିନ୍ ଟି'ପଟ୍–** ଯାନ୍ତ୍ରିକ ଉପକରଣର ରୂପ ଦିଆଯାଇଛି ଏହି ଟି'ପଟ୍‌ଗୁଡିକୁ। କେଉଁ ଟି'ପଟ୍ ଦେଖିବାକୁ ସିଲେଇ ମେଶିନ, ଟେଲିଫୋନ୍ ଭଳି ତ କେଉଁଟି ସାଣ୍ଡୱିଚ୍ ମେକର୍, ଟାଇପ୍ ରାଇଟର୍ ପରି। ଏସବୁ ଟି'ପଟ୍‌ରୁ ଚା' ଢାଳିବାବେଳେ ଘରକୁ ଆସିଥିବା ଅତିଥି ବି ଚକିତ ହୋଇଯିବେ।

**ଭ୍ୟାନ୍ ପରି ଟି'ପଟ୍–** ୬୦ ଦଶକରେ ଭିଡବ୍ଲ୍ୟୁ ଭ୍ୟାନ୍‌ର ବେଶ୍ ଲୋକପ୍ରିୟତା ଥିଲା। ଏବେବି ଏହାର ଲୋକପ୍ରିୟତା କମିନି। ସେଥିପାଇଁ ତ ଟି'ପଟ୍‌ରେ ବି ଏହାକୁ ରୂପ ଦିଆଯାଇଛି।

**ଫୁଲ ଆକାରର ଟି'ପଟ୍–** ଏହି ଟି'ପଟ୍ ଦେଖିବାକୁ ପୂରାପୂରି ଫୁଲ ଭଳି। ତେଣୁ ଏହାକୁ ଦେଖିଲେ ଲାଗିବ ଏହା କୌଣସି ହୋମ୍ ଡେକୋର୍ ଆଇଟମ୍ ବୋଲି।

**ମୋନାଲିସା ଟି'ପଟ୍–** ଲିଓନାର୍ଡୋ ଦା ଭିନ୍ସିଙ୍କର ବହୁ ପ୍ରସିଦ୍ଧ ପେଣ୍ଟିଂ ମୋନାଲିସା ବି ଟି'ପଟ୍‌ର ରୂପ ନେଇଛି। ସେ ପୁଣି ବିଭିନ୍ନ ଢଙ୍ଗରେ। ଏହି ପେଣ୍ଟିଂକୁ ଭଲ ପାଉଥିବା ବ୍ୟକ୍ତିଙ୍କ ପାଇଁ ଏହା ଏକ ଭଲ ଉପହାର ହେବ।









ଯୁଗ୍ମପ୍ରଭା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ରିଚାର୍ଜ

ମୋନା ବୟଫ୍ରେଣ୍ଡ ରାକେଶକୁ- ତମର ଆଉ ମୋ ଫୋନ୍ ରିଚାର୍ଜ କରିବା ଦରକାର ନାହିଁ।
ରାକେଶ- କାହିଁକି ? କ'ଣ ଚାକିରି ହେଇଗଲାକି ?
ମୋନା- ନା, ନୂଆ ବୟଫ୍ରେଣ୍ଡ ମିଳିଗଲା।

## ହରର୍ ମୁଭି

ସ୍ତ୍ରୀ ସ୍ୱାମୀଙ୍କୁ- ଚାଲନା ସ୍ୱିଟ୍‌ହାର୍ଟ କୋଉ ହରର୍ ମୁଭି ଦେଖିବାକୁ ଯିବା।
ସ୍ୱାମୀ- କୁଆଡେ କାହିଁକି ଯିବା ? ଆଲମାରୀରୁ ଆମ ବାହାଘର ସିଡି ବାହାର କରି ଦେଖିଦିଅ।

## ଟିକେଟ୍

ଜଣେ ବୃଦ୍ଧା ଟ୍ରେନ୍‌ରେ ଗଲାବେଳେ
ଟିକେଟ୍ କଲେକ୍ଟର- ମାଉସୀ ଟିକେଟ୍ ଦେଖାଅ।
ବୃଦ୍ଧା- ଏଇ ନିଅ ପୁଅ।
ଟିକେଟ୍ କଲେକ୍ଟର- ଏ କ'ଣ ଏଇଟା ତ ପୁରୁଣା ଟିକେଟ୍।
ବୃଦ୍ଧା- ହଇରେ ପୁଅ ତୁ ତ ଏମିତି କହୁଛୁ, ଯେମିତି ଏଇ ଟ୍ରେନ୍‌କୁ ସାଙ୍ଗେ ସାଙ୍ଗେ ଶୋ' ରୁମ୍‌ରୁ ଅଣା ହେଇଛି।





# ମା’ ଯୋଗମାୟା ପୀଠ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତ ଅଧୀନ ଗୁର୍ଜିମୁଣ୍ଡା ଗାଁଠାରୁ ଅଳ୍ପ କିଛି ଦୂରରେ ରହିଛି ଏହି ପବିତ୍ର ଯୋଗମାୟା ପୀଠ । ଏହା ଓଁ ଶ୍ରୀ ଶ୍ରୀ ମା’ ଯୋଗମାୟା ଦୈବୀପୀଠ ଭାବେ ବି ପରିଚିତ । ଓଡ଼ିଶାରେ ଥିବା ବିଭିନ୍ନ ଐତିହାସିକ ଶକ୍ତିପୀଠ ମଧ୍ୟରୁ ଏହା ହେଉଛି ଅନ୍ୟତମ । ଏକଦା ଏହି ଶକ୍ତିପୀଠ ଏକ ପଥର ଭଳି ଦୃଶ୍ୟ ହୋଇ ଜଣେ ଭକ୍ତଙ୍କୁ ସ୍ୱପ୍ନାଦେଶ ହୋଇଥିଲା । ପରେ ସେହି ଭକ୍ତ ଜଣକ ଗ୍ରାମବାସୀଙ୍କୁ ଡାକି ଏକ ଗ୍ରାମସଭା କରାଇଥିଲେ ; ଯଦ୍ୱାରା ଆଖପାଖ ଅଞ୍ଚଳର ଲୋକମାନଙ୍କ ଉଦ୍ୟମରେ ମା’ଙ୍କର ଏହି ପୀଠଟି ଗଢ଼ି ଉଠିଥିଲା । ମା’ ଯୋଗମାୟା ଖୁବ୍ ପ୍ରତ୍ୟକ୍ଷା । ବିପଦରେ ପଡ଼ିଥିବା ବ୍ୟକ୍ତି ମା’ଙ୍କ ପାଖେ ମନସ୍କାମନା କଲେ ମା’ ତାଙ୍କ ଗୁହାରି ଶୁଣିଥାନ୍ତି । ମା’ ନିଜେ ଘଣ୍ଟ ଓ ଶଙ୍ଖ ବଜାଇବା ସହ ଅଲୌକିକ ଶକ୍ତି ପ୍ରଦର୍ଶନ କରିଥାନ୍ତି, ଯାହା ମନ୍ଦିରରେ ଲାଗିଥିବା ସିସି କ୍ୟାମେରାରେ ରେକର୍ଡ ହୋଇ ରହିଛି । ମନସ୍କାମନା ପୂରଣ ହୋଇଗଲେ ଭକ୍ତଗଣ ବି ଖୁସିରେ ଆସି ମା’ଙ୍କ ନିକଟରେ ଘଣ୍ଟ, ଶଙ୍ଖ, ଖଣ୍ଡା ଆଦି ଜିନିଷ ଅର୍ପଣ କରିଦେଇ ଯାଇଥାନ୍ତି । କେବଳ ଯୋଗମାୟା ନୁହନ୍ତି ଏହି ପୀଠ ପରିସରରେ ଥିବା ସ୍ୱୟଂମ୍ଭୁ ବାବା ପାତାଳେଶ୍ୱର ବି ପ୍ରତ୍ୟକ୍ଷ ଦେବତା ।

### ସ୍ୱୟଂମ୍ଭୁ ବାବା ପାତାଳେଶ୍ୱରଙ୍କ ଆବିର୍ଭାବ ସମ୍ପର୍କରେ

ବାବା ପାତାଳେଶ୍ୱର କିପରି ଆବିର୍ଭୂତ ହୋଇଥିଲେ ସେ ନେଇ ଜଣେ ପ୍ରତ୍ୟକ୍ଷଦର୍ଶୀ ଭକ୍ତ କୁହନ୍ତି, କିଛିବର୍ଷ ତଳେ ଉକ୍ରେଲା ଫାଣ୍ଡି ଅଧିକାରୀ ନବକିଶୋର ପ୍ରଧାନ(ସବ୍ ଇନ୍ସପେକ୍ଟର) ଏହି ରାସ୍ତା ଦେଇ ଯାଉଥିଲେ । ଲୋକଙ୍କ ଭିଡ଼ ଦେଖି ଘଟଣାସ୍ଥଳକୁ ଯାଇଥିଲେ ଓ ସେଠାରେ ଏକ ବିରାଟକାୟ ଶିବଲିଙ୍ଗ ଦେଖିଥିଲେ । କିଛି ସମୟ ପରେ ସମସ୍ତେ ଯେ ଯାହାର ଘରକୁ ପଳାଇଯାଇଥିଲେ । ଯା’ଭିତରେ ଛଅଦିନ ବିତିଯାଇଥିଲା । ଫାଣ୍ଡି ଅଧିକାରୀଙ୍କୁ ସ୍ୱପ୍ନାଦେଶ ହେଲା । ସପ୍ତମ ଦିନ ସକାଳେ ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଦେଖିଲା ବେଳକୁ ଶିବଲିଙ୍ଗ ସେଠାରୁ ଅଦୃଶ୍ୟ ହୋଇଯାଇଛି । ଆଖପାଖ ଅଞ୍ଚଳର ଲୋକଙ୍କୁ ଡାକି ସେହି ସ୍ଥାନରେ ପୂଜାର୍ଚ୍ଚନା କରି ଗଇଁତି, ଶାବଳ ସାହାଯ୍ୟରେ ପ୍ରାୟ ୭ ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳିବା ପରେ ସେହି ଲିଙ୍ଗଟି ଦୃଶ୍ୟ ହୋଇଥିଲା । ଲିଙ୍ଗକୁ ଉଦ୍ଧାରକରି ସେହିଦିନରୁ ପାତାଳେଶ୍ୱର ନାମରେ ନାମିତ କରାଯାଇ ଏଠାରେ ନୀତିନିୟମ ଅନୁଯାୟୀ ତାଙ୍କୁ ପୂଜା କରାଯାଉଅଛି ।

### ପୀଠ ପରିସର ଓ କାରୁକାର୍ଯ୍ୟ

ଯୋଗମାୟା ପୀଠର ମୁଖ୍ୟ ଦ୍ୱାରଦେଶରେ ଖୁବ୍ ସୁନ୍ଦର କାରୁକାର୍ଯ୍ୟ ହୋଇଥିବା ଦେଖାଯାଏ । ଏହି ଦ୍ୱାରଦେଶ ଦେଇ ଭିତରକୁ ଗଲେ ମା’ଙ୍କୁ ଦର୍ଶନ କରିହୁଏ । ସେହିପରି ପୀଠର ପଶ୍ଚିମ ଦିଗରେ ସ୍ୱୟଂମ୍ଭୁ ବାବା ପାତାଳେଶ୍ୱର, ଦକ୍ଷିଣ ହନୁମାନ ମନ୍ଦିର, ପୂର୍ବ ଦିଗରେ କାମଧେନୁ ଗାଈ, ଶ୍ରୀ ଶ୍ରୀ ଜେନା ଦେବାଳୟ ମନ୍ଦିର, ଶ୍ରୀ ଶ୍ରୀ ଭୈରବବୀର, ଗଙ୍ଗାଦେବୀ, ଡଙ୍ଗରବୀର ଏବଂ ଦକ୍ଷିଣ ଦିଗରେ ମା’ ଦକ୍ଷିଣ କାଳୀ, ଗ୍ରାମଦେବତା ପ୍ରଭୃତି ଦେବଦେବୀଙ୍କ ମନ୍ଦିର ଥିବା ମଧ୍ୟ ଦେଖିବାକୁ ମିଳେ । ତା’ସହିତ ପୀଠର ପୂର୍ବ ଦିଗରେ ଅଖଣ୍ଡ ଜ୍ୟୋତିମଣ୍ଡପ, ଅସ୍ତ୍ରାଗାର, ଯଜ୍ଞମଣ୍ଡପ, ସୂର୍ଯ୍ୟମଣ୍ଡପ ମଧ୍ୟ ରହିଛି । ଆଉ ଏହି ଯଜ୍ଞମଣ୍ଡପର ପଶ୍ଚିମ ଦିଗରେ ଗଣେଶ ମନ୍ଦିର ବି ଅଛି । ତା’ସହିତ ଭକ୍ତଙ୍କ ପାଇଁ ବୈଠକ ସ୍ଥାନ, ଆଶ୍ରୟସ୍ଥଳୀ, ସୂଚନା କେନ୍ଦ୍ର ମଧ୍ୟ ରହିଛି । ଉକ୍ତ ଯଜ୍ଞମଣ୍ଡପରେ ହୋମଯଜ୍ଞ, ଗୀତା ଭାଗବତ, ଶିବରାତ୍ରି ମେଳାରେ ପ୍ରହରୀ ନାମଯଜ୍ଞ ପ୍ରଭୃତି ଧର୍ମକାର୍ଯ୍ୟ କରାଯାଇଥାଏ । ଆଖପାଖ ଅଞ୍ଚଳର ଭକ୍ତମାନେ ଏହି ଯଜ୍ଞମଣ୍ଡପରେ ମାନସିକ ହୋମଯଜ୍ଞ ଓ ମୁଣ୍ଡନ ମଧ୍ୟ କରିଥାନ୍ତି । ତା’ସହିତ ଏଠାରେ ଶିବରାତ୍ରି ମେଳା, ନବରାତ୍ର ମେଳା, ବୋଲ୍ ବମ୍ ପ୍ରଭୃତି ପର୍ବପର୍ବାଣି ମହାସମାରୋହରେ ପାଳନ କରାଯାଇଥାଏ । ଏସବୁ ବ୍ୟତୀତ ମନ୍ଦିର ପରିସରରେ ଅନେକ ଔଷଧୀୟ ବୃକ୍ଷ ବି ଦେଖିବାକୁ ମିଳିଥାଏ । ପ୍ରାୟ ୫ ଏକର ପରିମିତ ଏହି ପୀଠରେ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ବିଭିନ୍ନ ପଶୁପକ୍ଷୀଙ୍କର ପ୍ରତିମା ସ୍ଥାପନା କରାଯିବା ସହ ସଚେତନତା ବାର୍ତ୍ତା ମଧ୍ୟ ଲେଖାଯାଇଛି ।

### ଆଉ କ’ଣ ଦେଖିବେ

ଯୋଗମାୟା ଶକ୍ତିପୀଠଠାରୁ ପ୍ରାୟ ଅଧ କି.ମି. ଦୂରରେ ରହିଛି ବିରିପୁଡା ପାହାଡ । ଏହି ପାହାଡରେ ଥିବା ପ୍ରାଚୀନକାଳର ଗୁମ୍ଫା ଲୋକଲୋଚନ ଆଢୁଆଳରେ ରହିଛି । ଉକ୍ତ ଗୁମ୍ଫା ଦେଖିବାକୁ ଯେତିକି ଆକର୍ଷଣୀୟ, ସେତିକି ବିସ୍ମୟକର । ବଣପାହାଡ ଘେରା ପ୍ରାକୃତିକ ପରିବେଶରେ ଥିବା ଏହି ଗୁମ୍ଫାକୁ ଦେବଗୁମ୍ଫା କୁହାଯାଏ । ଗୁମ୍ଫାର ପ୍ରବେଶ ଦ୍ୱାରର ଚଉଡ଼ା ପ୍ରାୟ ୨୦ ଫୁଟ ଓ ଉଚ୍ଚତା ୩୦ ଫୁଟ ହେବ । ମୁଖ୍ୟ ଦ୍ୱାରକୁ ଲାଗି ଗୁମ୍ଫାର ପ୍ରଥମ କୋଠରି ରହିଛି । ଏହାର ଲମ୍ବ ୬୦ ଫୁଟ, ପ୍ରସ୍ଥ ୮୦ ଫୁଟ ଏବଂ ଉଚ୍ଚତା ପ୍ରାୟ ୩୦ ଫୁଟ ହେବ । ଗୁମ୍ଫା ଭିତରେ ତିନି ତାଲା ବିଶିଷ୍ଟ କୋଠରିମାନ ରହିଛି । ପ୍ରଥମ ଗୁମ୍ଫାକୁ ଲାଗି ଭିତରକୁ କ୍ରମଶଃ ଏକାଧିକ ଗୁମ୍ଫା ଅଛି । ପ୍ରାଚୀନ କାଳରେ ମୁନିଋଷିମାନେ ଏଠାରେ ତପସ୍ୟା କରୁଥିଲେ ବୋଲି କିମ୍ବଦନ୍ତୀ ରହିଛି । ଗୁମ୍ଫାର ପ୍ରଥମ କୋଠରିରେ ବିଶାଳକାୟ ଧବଳେଶ୍ୱର ଲିଙ୍ଗ ରହିଥିବାବେଳେ ଦକ୍ଷିଣକୁ ଏକ ଗୁମ୍ଫାରେ ପାତାଳେଶ୍ୱର ଏବଂ ପୂର୍ବକୁ ଥିବା ଏକ ଗୁମ୍ଫାରେ ପାରଦେଶ୍ୱର ରହିଛନ୍ତି । ତେବେ ଧବଳେଶ୍ୱର ଲିଙ୍ଗର ଗୋଲେଇ ପ୍ରାୟ ୪୦ ଫୁଟ, ଉଚ୍ଚତା ୧୩ଫୁଟ ହେବ । ବର୍ଷକୁ ବର୍ଷ ଏହି ଶିବଲିଙ୍ଗ ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକେ କହିଥାନ୍ତି । ତେବେ ଏହି ଦେବଗୁମ୍ଫା ମଧ୍ୟରେ ଅନେକ ମହୁଫେଣା ଦେଖାଯାଏ । ଗୁମ୍ଫାର ଭିତର କୋଠରି ଅନ୍ଧାର ରହୁଥିବା ଏବଂ ଶିଉଳି ଲାଗିଥିବାରୁ କେହି ବେଶି ଭିତରକୁ ଯିବାକୁ ସାହସ କରି ନ ଥାନ୍ତି । କେବଳ ସ୍ଥାନୀୟ ଗୁର୍ଜିମୁଣ୍ଡା ଗ୍ରାମର ଦୁଇଜଣ ପୂଜାରୀ ହିଁ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଗୁମ୍ଫାକୁ ଯାଇ ପୂଜାର୍ଚ୍ଚନା କରୁଥିବା ଗ୍ରାମବାସୀ କହିଥାନ୍ତି । ତା’ସହିତ ଏହି ବିରିପୁଡ଼ା ପାହାଡ଼ ଉପରେ ୭ଟି କୂଅ ଥିବା ମଧ୍ୟ ଦେଖିବାକୁ ମିଳିଥାଏ । ତେବେ ଏହି ଦେବଗୁମ୍ଫାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ବହୁ ଉଦ୍ୟମ ଜାରି ରହିଥିଲେ ହେଁ ତାହା ଆଜିଯାଏଁ ସଫଳ ହୋଇପାରିନାହିଁ ।

### କେମିତି ଯିବେ

ପବିତ୍ର ଯୋଗମାୟା ପୀଠ ଓ ସ୍ୱୟଂମ୍ଭୁ ବାବା ପାତାଳେଶ୍ୱରଙ୍କୁ ଦର୍ଶନ କରିବାକୁ ହେଲେ ପର୍ଯ୍ୟଟକଙ୍କୁ କେସିଙ୍ଗା ଦେଇ ଯାଇଥିବା ୨୬ନଂ ଜାତୀୟ ରାଜପଥରେ ଯିବାକୁ ହୋଇଥାଏ । ୨୬ନଂ ଜାତୀୟ ରାଜପଥ ବୋରିଆଠାରୁ ମାଳପଡା ଦେଇ ଗୁର୍ଜିମୁଣ୍ଡାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ରହିଛି । ହେଲେ ଗୁର୍ଜିମୁଣ୍ଡାଠାରୁ ଦେବଗୁମ୍ଫା ଯାଏଁ ରାସ୍ତା ନାହିଁ । ଏହି ସ୍ଥାନକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ପାଦଚଲା ରାସ୍ତାରେ ପ୍ରାୟ ଅଧ କି.ମି. ଦୂର ଅତିକ୍ରମ କରି ଗୁମ୍ଫା ନିକଟରେ ପହଞ୍ଚିଥାନ୍ତି ।

—ତୁମେଶ୍ୱର ସାହୁ, କେସିଙ୍ଗା





# ସୁନାର ସାଫା









ରାଜସ୍ଥାନୀ ପୋଷାକରେ ସାଫା ବା ପଗଡ଼ିର ସ୍ଥାନ ସ୍ୱତନ୍ତ୍ର। ଏହା ଏକ ପାରମ୍ପରିକ ପରିଧାନ । ପ୍ରାୟ ୭୦-୮୦ ବର୍ଷ ପୂର୍ବେ ରାଜପୁତମାନେ ସୁନାର ସାଫା ପିନ୍ଧୁଥିଲେ। ତେବେ ଆମେ ଏଠି ଯେଉଁ ସାଫା କଥା କହୁଛୁ, ସେ ଟିକେ ଖାସ୍। କାରଣ ଏହି ସାଫା ୨୪ କ୍ୟାରେଟ୍ ସୁନାରେ ତିଆରି। ଉକ୍ତ ସାଫାର ଓଜନ ୫୮୦ ଗ୍ରାମ୍ ଏବଂ ଲମ୍ବ ୯ ମିଟର। ଏହାକୁ ତିଆରି କରିଛନ୍ତି ଜୟପୁରର ଡିଜାଇନର୍ ଭୂପେନ୍ଦ୍ର ସିଂ ଶେଖାଓ୍ୱତ। ଭୂପେନ୍ଦ୍ର କୁହନ୍ତି, 'ଏହାକୁ ତିଆରି କରିବା ପାଇଁ ବହୁତ ସମୟ ଲାଗିଥିଲା। ଆଉ ୪୮ ଜଣ କାରିଗର ମତେ ଏଥିରେ ସାହାଯ୍ୟ କରିଥିଲେ। ସାଧାରଣ ସାଫାର ମୂଲ୍ୟ ୧ ହଜାର ଟଙ୍କାରୁ ଆରମ୍ଭ ହେଉଥିବାବେଳେ ଏହି ସାଫାର ମୂଲ୍ୟ ୨୨ ଲକ୍ଷ।'

## କାର୍ଟୁନ କର୍ନର



# କପେଲ୍‌ଡି ଯୋଡ଼ି

ଓଡ଼ିଆ ଯାତ୍ରାଜଗତରେ ବାପି-ଟୁକୁ ଏକ ଜଣାଶୁଣା ଯୋଡ଼ି। ବାପି-ଟୁକୁ ମଞ୍ଚକୁ ଆସିଲେ ତଳେ ବସିଥିବା ଦର୍ଶକଙ୍କ ଓଠରେ ମନକୁ ମନ ହସ ଫୁଟିଉଠେ। ଆଜିକୁ ପ୍ରାୟ ପନ୍ଦରବର୍ଷ ତଳେ ଏହି ଯୋଡ଼ିଙ୍କର ପ୍ରଥମ ଦେଖା ହୋଇଥିଲା। ସେତେବେଳେ ବାପି 'ପଞ୍ଚସଖା ଗଣନାଟ୍ୟ'ରେ ଅଭିନୟ କରୁଥିଲେ। ଆଉ 'ଧରିତ୍ରୀ ଅପେରା' ଛାଡ଼ି ଟୁକୁ ସେହି ବର୍ଷ ଆସି ପହଞ୍ଚିଲେ 'ପଞ୍ଚସଖା ଗଣନାଟ୍ୟ'ରେ। ଏଠାରେ ହିଁ ଜନ୍ମନେଲା ବାପି-ଟୁକୁ ଯୋଡ଼ି। ବାପିଙ୍କ ଘର ଜଗତ୍‌ସିଂହପୁର ହୋଇଥିବା ବେଳେ ଟୁକୁଙ୍କ ଘର ହେଉଛି ଭଦ୍ରକର ତିହିଡ଼ି। ଟୁକୁଙ୍କର ପିଲାବେଳୁ ନାଚଗୀତ ପ୍ରତି ରୁଚିଥିଲା। ପିଲାଙ୍କ ମେଳରେ ନାଚୁଥିଲେ। ଗାଁରେ 'ଧରିତ୍ରୀ ଅପେରା' ଯାତ୍ରା କରୁଥିଲା। ବାମଦେବବାବୁ ସେହି ପାର୍ଟିର ଡ୍ୟାନ୍ସ ମାଷ୍ଟର ଥିଲେ। ବାମଦେବବାବୁ ତାଙ୍କୁ ଯାତ୍ରାକୁ ନେଇ ଆସିଲେ। ତେବେ ଟୁକୁ ଯାତ୍ରାକୁ ଆସିବା କଥା ଘରେ ଜଣେଇ ନ ଥିଲେ। ଲୁଚି ଲୁଚି ଚାଲିଆସିଲେ ଯାତ୍ରାକୁ। ଘରଲୋକ ଖୋଜାଖୋଜି କରି ତାଙ୍କୁ ପାଇଲେ ଭୁବନେଶ୍ୱରର ଖଣ୍ଡଗିରିରେ। ତେବେ ସେତେବେଳକୁ ଯାତ୍ରାର ମାୟାରେ ପଡ଼ି ସାରିଥିଲେ ଟୁକୁ। 'ପଞ୍ଚସଖା ଗଣନାଟ୍ୟ'ରେ ବାପିଙ୍କ ସହ ଦେଖା ହେବା ପରେ ତାଙ୍କ ଜୀବନର ମୋଡ଼ ବଦଳିଗଲା। ବାପି ହିଁ ତାଙ୍କୁ ପ୍ରଥମେ ପ୍ରସ୍ତାବ ଦେଲେ ମ୍ୟାରେଜ କରିବା ପାଇଁ। ବାସ୍, ସେମାନେ ମଞ୍ଚ ଅଭିନେତା ଅଭିନେତ୍ରୀରୁ ପାଲଟିଗଲେ ସ୍ୱାମୀ ସ୍ତ୍ରୀ। ଟୁକୁଙ୍କ ମତରେ, ବାପି ତ ଜଣେ ଭଲ ଅଭିନେତା ଏକଥା ସତ। ତା' ସହିତ ସେ ମଧ୍ୟ ଜଣେ ଭଲ ଜୀବନସାଥୀ। ମୋତେ ସବୁବେଳେ ସହଯୋଗ କରନ୍ତି। ତେବେ ଆମେ ବାହାରେ ସିନା ସ୍ୱାମୀସ୍ତ୍ରୀ। ହେଲେ ମଞ୍ଚରେ ଆମେ ସମ୍ପୂର୍ଣ୍ଣ ଭାବରେ ଆମ ଚରିତ୍ର ଭିତରେ ପଶି କାମ କରୁ। କେମିତି ଚରିତ୍ରଟିକୁ ସରସସୁନ୍ଦର କରି ଦର୍ଶକଙ୍କର ମନୋରଞ୍ଜନ କରିବୁ ସେକଥା ଚିନ୍ତାକରୁ। ଉଭୟ ବାପି-ଟୁକୁ ଅନେକ ନାଟକରେ ଅଭିନୟ କରିଛନ୍ତି। ସେଥିମଧ୍ୟରୁ କେତୋଟି ହେଉଛି 'ହସୁଛି କେବଳ କାନ୍ଦିବା ପାଇଁ', 'ବନ୍ଧା ପଡ଼ିଗଲା ସୁରେଶ ପଣ୍ଡା', 'ଶହେ ଶହେରେ ଖେଳ', 'ମାଳି ସାହି ମୀରା କାହାରି ନୁହେଁ', 'ଦିନକ ପାଇଁ ମୁଁ ଦ୍ରୌପଦୀ ହେବି', 'ଆଖି ତୁ କାନ୍ଦନା', 'ଚୁପଚାପ୍ କଥା ଚୁପଚାପ୍ ରାତି'। ଚଳିତବର୍ଷ 'ସୂର୍ଯ୍ୟମନ୍ଦିର'ରେ ରହି ଲୋକମାନଙ୍କୁ ହସାଉଛନ୍ତି ବାପି-ଟୁକୁ। ସୂର୍ଯ୍ୟମନ୍ଦିରରେ ସେମାନେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ମାୟାବିନୀ ମୌସୁମୀ', 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର', 'ପ୍ରେମିକାର ନାଁ ଚନ୍ଦ୍ରଭାଗା', 'ଭିତିରି କଥା', 'ପୁଅ ଯିବ ଶାଶୁଘର'।



ପ୍ରିୟ

# 'ବିଦେଶିନୀ'ର ଆଲୋକ

ଶିବାନୀ ଗଣନାଟ୍ୟ ପ୍ରଯୋଜିତ 'ବିଦେଶିନୀ' ନାଟକ ଦେଖିଥିବା ଦର୍ଶକେ ନିଶ୍ଚୟ ମନେରଖିଥିବେ ଆଲୋକ ଦାସ ମହାପାତ୍ରଙ୍କୁ। କାରଣ ଆଲୋକ ହେଉଛି ବିଦେଶିନୀର ସ୍ୱାମୀ। ଏହି ଚରିତ୍ରରେ ଅଭିନୟ କରିଥିବା ଅଭିନେତା ଜଣକ ହେଉଛନ୍ତି ପ୍ରିୟ ନାରାୟଣ ତ୍ରିପାଠୀ। ଯାତ୍ରା ଜଗତରେ ସେ କେବଳ ପ୍ରିୟ ଭାବରେ ହିଁ ପରିଚିତ। ପୁରୀରେ ଜନ୍ମ ଗ୍ରହଣ କରିଥିବା ପ୍ରିୟ ନିଜର ପରଲୋକଗତ ବାପା ଓ ମା' ମଧୁସୂଦନ ତ୍ରିପାଠୀ ଏବଂ ଇନ୍ଦୁମତୀ ତ୍ରିପାଠୀଙ୍କ ପ୍ରେରଣା କ୍ରମେ ପାଦ ରଖିଥିଲେ ଅଭିନୟ ଜଗତରେ। ସେ ସିରିଏଲ ତଥା ଆଲବମ୍‌ରେ ଅଭିନୟ କରି ବେଶ ସନ୍ତୁଷ୍ଟ ଥିଲେ। ଦିନେ 'ଶିବାନୀ ଗଣନାଟ୍ୟ'ର ପ୍ରଯୋଜକ ଟୁନାବାବୁ ତାଙ୍କୁ ଡାକିଲେ ଆଉ 'ଶିବାନୀ ଗଣନାଟ୍ୟ'ରେ ଯୋଗଦେବା ଲାଗି ପ୍ରସ୍ତାବ ଦେଲେ। ଏହା କିଛି କମ୍ ବଡ଼ ପ୍ରପୋଜାଲ ନ ଥିଲା। ସେ ସିଧାସଳଖ 'ଶିବାନୀ ଗଣନାଟ୍ୟ'ରେ ଯୋଗଦେଲେ। ପୁଣି ପ୍ରଥମ ନାଟକ ଭାବରେ ମିଳିଲା 'ବିଦେଶିନୀ'। ଏହି ନାଟକର ଆଲୋକ ଚରିତ୍ରଟି ତାଙ୍କୁ ରାତାରାତ ପ୍ରସିଦ୍ଧ କରିଦେଲା। ଏହାପରେ ସେ ପଛକୁ ଫେରି ଚାହିଁନାହାନ୍ତି। 'ମୁଇଁ ସମ୍ବଲପୁରୀ ନନୀ', 'କାହାଣୀ ଲାଗୁଛି ନୂଆ', 'ଭଙ୍ଗା ସବାରି', 'ହରେକୃଷ୍ଣ ହରେରାମ୍', 'ପକାଲୋ ପକା ହୁଳହୁଳି', 'ରାମନାମ ସତ୍ୟ ହେଁ', 'ବାଜୁଅ ବୋହୂ', 'ହଳଦୀ ରଙ୍ଗର ଝିଅ', 'ଏ ମୁନ୍ନି ବଦନାମ ହୁଇ', 'ଥ୍ୟାଙ୍କ୍ ୟୁ ଡାଡି' ଆଦି ନାଟକରେ ଅଭିନୟ କରି ସେ ନିଜକୁ ଜଣେ ପୋଖତ ଅଭିନେତା ଭାବରେ ପରିଚିତ କରାଇଛନ୍ତି। 'ଶିବାନୀ ଗଣନାଟ୍ୟ' ପରେ 'ଗୌରୀ' ଆଦି ଅନୁଷ୍ଠାନରେ ଯାତ୍ରା କରି ଚଳିତବର୍ଷ ସେ ଆସି ପହଞ୍ଚିଛନ୍ତି 'ଯାତ୍ରା ମାୟା ନଗରୀ'ରେ। 'ମାୟା ନଗରୀ'ରେ ତାଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି 'କଥା ଦିଅ ମୋତେ କରିବନି ପର', 'ଦେଲେ ଧରା କଥା ସରେ', 'ଧନ ପାଖେ ମନ ବନ୍ଧା ପଡ଼ିଛି' ଏବଂ 'ନିଜ ନିଜର ରାମାୟଣ'।



ଟୁକୁ

ବାପି

## ପୁସ୍ତକ ସମୀକ୍ଷା




### ସ୍ୱାର୍ଥ

ନାଟ୍ୟକାର : ଅରୁଣ ନାୟକ, ପ୍ରକାଶକ : ଆଦିତ୍ୟ ଭାରତ

ମୂଲ୍ୟ : ଟ୬୦/-, 'ଆଦିତ୍ୟ ଭାରତ' ପବ୍ଲିକେଶନ ହାଉସ୍ ଦ୍ୱାରା ପ୍ରକାଶିତ ହୋଇଛି ନାଟକ ପୁସ୍ତକ 'ସ୍ୱାର୍ଥ'। ନାଟକର ନାଟ୍ୟକାର ଅରୁଣ ନାୟକ। ବହିର ମୋଟ୍ ପୃଷ୍ଠା ସଂଖ୍ୟା ୭୨। ଚରିତ୍ର ସଂଖ୍ୟା ମାତ୍ର ତିନି; ଯଥା- ଆଲୋକ ତ୍ରିପାଠୀ, ଡ. ବିକାଶ ମୁର୍ମୁ ଏବଂ ମିତା ତ୍ରିପାଠୀ। ନାଟକର ଦୃଶ୍ୟ ସଂଖ୍ୟା ମଧ୍ୟ ସୀମିତ। ମାତ୍ର ପାଞ୍ଚଗୋଟି ଦୃଶ୍ୟରେ ନାଟକଟିର ଅବତାରଣା କରିଛନ୍ତି ନାଟ୍ୟକାର। ନାଟକଟି ପ୍ରଥମେ 'କୁସୁମ କଢ଼ି' ବରଡୋଲ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ବେଳେ ପରେ ଏହାକୁ ମଞ୍ଚସ୍ଥ କରିଥିଲେ ଉତ୍କଳ ସଂଗୀତ ମହାବିଦ୍ୟାଳୟର କଳାକାରମାନେ। ନାଟକଟିର ଏହି ପୁସ୍ତକ କଳେବର ଥିଏଟର ପ୍ରେମୀମାନଙ୍କୁ ଉତ୍ସାହିତ କରିବ ନିଶ୍ଚୟ।

### ମନେ ଅଛି ତ

ଗାଳ୍ପିକ : ସମରେନ୍ଦ୍ର ବଳିଆରସିଂହ

ପ୍ରକାଶକ : ବିଶ୍ୱାମ୍ବା ପ୍ରକାଶନୀ

ମୂଲ୍ୟ : ଟ୧୩୦/-

'ମନେ ଅଛି ତ' ଏକ କ୍ଷୁଦ୍ରଗଳ୍ପ ସଂକଳନ। ଏହାର ଗାଳ୍ପିକ ହେଉଛନ୍ତି ସମରେନ୍ଦ୍ର ବଳିଆରସିଂହ। ବିଶ୍ୱାମ୍ବା ପ୍ରକାଶନୀ ଦ୍ୱାରା ଏହି ସଂକଳନରେ ରହିଛି ୩୨ଟି ଗଳ୍ପ। ଗଳ୍ପର ଆକାର ବଡ଼ ନୁହେଁ, ମାତ୍ର ଗୁଣାତ୍ମକ ଦୃଷ୍ଟିରୁ ଗପଗୁଡ଼ିକର ପଠନୀୟତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଗଳ୍ପଗୁଡ଼ିକର ନାମକରଣ ମଧ୍ୟ ବେଶ୍ ତାତ୍ପର୍ଯ୍ୟ ଦାବିକରେ; ଯେମିତି କି ଭାବଗର୍ଭ, ସମ୍ପର୍କର ଦୁଇଟି ଧାର, ରେନ୍‌କୋଟ୍, ଆଉ ଭଲ ଲାଗୁନି ଫୁଲ। ଗାଳ୍ପିକ ସମରେନ୍ଦ୍ରଙ୍କ ଭାଷା ସରଳ। ମାତ୍ର ଭାବବସ୍ତୁ ବେଶ୍ ପରିପକ୍ୱ। ପୁସ୍ତକଟି ପଠନୀୟତା ଦାବି କରେ।


### ଅନାଇ ରହିଛି ଗଡ଼ ଗଡ଼ଖାଇ

ଲେଖକ : ସତ୍ୟବାଦୀ ବଳିଆରସିଂହ

ପ୍ରକାଶିକା : ଶୈଳବାଳା ବଳିଆରସିଂହ

ମୂଲ୍ୟ : ଟ୧୦୦/-

ସତ୍ୟବାଦୀ ବଳିଆରସିଂହଙ୍କ ଦ୍ୱାରା ରଚିତ 'ଅନାଇ ରହିଛି ଗଡ଼ ଗଡ଼ଖାଇ' ପୁସ୍ତକଟିକୁ ଏକ ସୁରମ୍ୟ ଇତିହାସ ପୁସ୍ତକ ବୋଲି ଧରି ନିଆଯାଇପାରେ। ଖୋର୍ଦ୍ଧା ରାଜବଂଶର ବିଭିନ୍ନ ରାଜା କେତେବେଳେ କେଉଁ କେଉଁ ଗଡ଼କୁ ନିଜ ଆବାସସ୍ଥଳୀ ଭାବରେ ଗ୍ରହଣ କରିଥିଲେ ତାହାର ଏକ ତଥ୍ୟଭିତ୍ତିକ ଅବତାରଣା କରାଯାଇଛି ପୁସ୍ତକରେ। ତେବେ ଲେଖକଙ୍କ ଅବତାରଣା ଶୈଳୀ ଏତେ ମାର୍ମିକ ଯେ, ଐତିହାସିକ ତଥ୍ୟ ତଥା ଘଟଣା ସବୁ ବି ବେଶ୍ ସୁରମ୍ୟ ତଥା ପଠନୀୟ ହୋଇପାରିଛି। ପୁସ୍ତକଟି ସଂଗ୍ରହଣୀୟ।






# ପେଣ୍ଟିଂର ମୂଲ୍ୟ ୧୭୭ କୋଟି

୨୦୦୦ ମସିହାରେ ଜାପାନୀ ପେଣ୍ଟର ୟୋଶିତୋମା ନାରା କରିଥିଲେ ଏକ ପେଣ୍ଟିଂ। ସେତେବେଳେ ତା'ର ମୂଲ୍ୟ କିଛି ନ ଥିଲା। ତେବେ ନିକଟରେ ଏହାକୁ ନିଲାମ କରାଯାଇଛି। ଆଉ ତାହା ବିକ୍ରି ହୋଇଛି ୧୭୭ କୋଟି ଟଙ୍କାରେ। ପେଣ୍ଟିଂରେ ଏକ କାର୍ଟୁନ ଝିଅ ଅଛି, ଯାହାର ଟାଇଟଲ ଦିଆଯାଇଛି 'ନାଇଫ୍ ବିହାଇଣ୍ଡ ବ୍ୟାକ୍'। ଏହାକୁ କିଣିବା ପାଇଁ ୬ ଜଣ ନିଲାମୀ ଡାକିଥିଲେ। ପେଣ୍ଟିଂଟି ମାତ୍ର ୧୦ ମିନିଟରେ ବିକ୍ରି ହୋଇଯାଇଥିଲା। ୧୯ ବର୍ଷ ପରେ ତାହା ଏତେ ମୂଲ୍ୟରେ ବିକ୍ରି ହେଲା ଯେ, ୟୋଶିତୋମା ଚକିତ ହୋଇଯାଇଥିଲେ। ପେଣ୍ଟିଂ ବିକ୍ରି ପାଇଁ ଯେତିକି ମୂଲ୍ୟ ଧାର୍ଯ୍ୟ ହୋଇଥିଲା ତା'ର ୫ ଗୁଣ ଅଧିକ ମୂଲ୍ୟରେ ତାହା ବିକ୍ରି ହେଲା। ଏହା ପୂର୍ବରୁ ୧୯୯୯ରେ ତାଙ୍କର ଆଉ ଏକ ପେଣ୍ଟିଂ ୩୧ କୋଟିରେ ବିକ୍ରି ହୋଇଥିଲା। ତା'ର ଟାଇଟଲ ଥିଲା 'ସ୍ଲିପ୍‌ଲେସ୍ ନାଇଟ୍'। ତାଙ୍କର 'ନାଇଫ୍ ବିହାଇଣ୍ଡ ବ୍ୟାକ୍' ପେଣ୍ଟିଂଟିକୁ ଏବେକାର ସବୁଠାରୁ ଦାମୀ ପେଣ୍ଟିଂ ବୋଲି କୁହାଯାଉଛି।











ବ୍ୟାକ୍ ପେଜ୍

# ଜିଞ୍ଜର ବ୍ରେଡ୍ ସ୍ଥାପତ୍ୟ

ଆପଣ ଦେଖୁଥିବା ଡ୍ରାଗନ୍, ଡାଇନୋସର୍, ଟ୍ରିମ୍ୟାନର ଏହି ସ୍ଥାପତ୍ୟଗୁଡ଼ିକ କୌଣସି ଧାତୁ କିମ୍ବା ମାଟିରେ ତିଆରି ହୋଇନାହିଁ। ବରଂ ଏହା ତିଆରି ହୋଇଛି ଜିଞ୍ଜର ବ୍ରେଡ୍(ଏକ ପ୍ରକାରର ମସଲା ବ୍ରେଡ୍)ରେ। ନରୱେର କେକ୍ ଆର୍ଟିଷ୍ଟ କାରୋଲିନ୍ ଏରିକ୍‌ସନ୍ ଏହାକୁ ତିଆରି କରିଛନ୍ତି। ୨୦୧୩ରୁ ସେ ଏଭଳି ସ୍ଥାପତ୍ୟ କରିବା ଆରମ୍ଭ କରିଛନ୍ତି। ଏହାକୁ କରିବା ପାଇଁ ପ୍ରଥମେ ସେ ଏକ ଲୁହାର ଛାଞ୍ଚ ତିଆରି କରନ୍ତି। ଏହା ଉପରେ ବ୍ରେଡ୍‌କୁ ଲଗାଇ ଏକ ରୂପ ଦିଅନ୍ତି। ତେବେ ଏଥିପାଇଁ ସେ ବ୍ରେଡ୍‌ର ରେସିପି ଟିକେ ବଦଳାଇ ଥାଆନ୍ତି। ଏଥିରେ ବେକିଂ ପାଉଡର ବ୍ୟବହାର କରାଯାଏନାହିଁ। ଫଳରେ ଜିଞ୍ଜର ବ୍ରେଡ୍ ଶକ୍ତ ହୁଏ ଓ ଏହାର ଉପରି ଭାଗରେ ଛିଦ୍ର ରହେନା। ବ୍ରେଡ୍‌ରେ ଅଧିକ ଚିନି ବି ବ୍ୟବହାର କରାଯାଇଥାଏ। ପ୍ରତିବର୍ଷ କ୍ରିସ୍‌ମାସ ପୂର୍ବରୁ ସେ ଏଭଳି ବ୍ରେଡ୍ ସ୍ଥାପତ୍ୟ ଗଢୁଛନ୍ତି। ଆଉ ସୋସିଆଲ ମିଡିଆରେ ଏହାର ଫଟୋ ଶେୟାର କରି ଚର୍ଚ୍ଚାରେ ରହୁଛନ୍ତି।

# ବରେଲୀରେ ହେଉଛି ଝୁମ୍‌କା ଛକ





ମେରା ସାୟା ଚଳଚ୍ଚିତ୍ରର 'ଝୁମ୍‌କା ଗିରାରେ ବରେଲୀ କେ ବାଜାର ମେଁ...' ଗୀତଟି ସମସ୍ତେ ଶୁଣିଥିବେ। ଏଇ ଗୀତ ପାଇଁ ଦିନେ ବରେଲୀ ପ୍ରସିଦ୍ଧ ହୋଇଯାଇଥିଲା। ତେଣୁ ସେଇ ବରେଲୀରେ ନିର୍ମାଣ ହେଉଛି ଝୁମ୍‌କାର ଏକ ବିରାଟ ସ୍ଥାପତ୍ୟ, ଯାହା ଝୁମ୍‌କା ଚୌରାହାଃ ବା ଛକ ଭାବେ ପରିଚିତ ହେବ। ଏଠାରେ ୩୦ ଫୁଟ ଉଚ୍ଚତାବିଶିଷ୍ଟ ଏକ ଝୁମ୍‌କା ନିର୍ମାଣ କରାଯାଉଛି। ଡେଲାପୀର ଛକରେ ହେଉଥିବା ଉକ୍ତ ସ୍ଥାପତ୍ୟ ବରେଲୀର ପରିଚୟ ହେବ। ବରେଲୀ ବିକାଶ ପ୍ରାଧିକରଣ ଏହାର ଡିଜାଇନ୍ ଚୟନ କରିଛନ୍ତି। ଝୁମ୍‌କା ନିର୍ମାଣ ପାଇଁ ୧୦ ଲକ୍ଷ ଅଟକଳ କରାଯାଇଥିବାବେଳେ ଏଥିରେ ମୋଟ୍ ଖର୍ଚ୍ଚ ହେବ ୪୦ ଲକ୍ଷ ଟଙ୍କା। ଝୁମ୍‌କା ଫାଇବର ଗ୍ଲାସ୍‌ରେ ତିଆରି ହେଉଛି। ଏହାର ଡିଜାଇନ ଗୁରୁ ଗ୍ରାମରେ ହୋଇଥିବାବେଳେ ପିତ୍ତଳ ନଗରୀ ମୁରାଦାବାଦରେ ଏହାକୁ ତିଆରି କରାଯାଇଛି।